# ଯାଜପୁର ରୋଡ୍ ରେଳ ଷ୍ଟେଶନ ପ୍ରତି ଅବହେଳା

ଯାଜପୁର,୫।୧୧ (ହର୍ଷବର୍ଦ୍ଧନ ବେହେରା)


ଯାଜପୁରରୋଡ୍ ରେଲୱେ ଷ୍ଟେଶନର ପରାମର୍ଶଦାତା କମିଟି ବୈଠକ।

ଭାରତୀୟ ରେଳପଥ ଅମୃତ ଭାରତ ଷ୍ଟେଶନ ଯୋଜନାରେ ୨୩।୧୨।୨୦୨୨ରୁ ଯାଜପୁର-କେନ୍ଦୁଝର ରୋଡ ଷ୍ଟେଶନକୁ ସାମିଲ କରାଯାଇଛି। ଏହି ଯୋଜନା ଅନୁସାରେ ଷ୍ଟେଶନର ଉନ୍ନତିକରଣ ଓ ଯାତ୍ରୀମାନଙ୍କ ପାଇଁ ସମସ୍ତ ସୁବିଧାସୁଯୋଗ ବ୍ୟବସ୍ଥା କରିବାର ନିୟମ ରହିଛି। ହେଲେ ଆଜି ପର୍ଯ୍ୟନ୍ତ ଏହି ଷ୍ଟେଶନର ସେତେଟା ବିକାଶ ହୋଇ ପାରି ନ ଥିବାରୁ ମଙ୍ଗଳବାର ପରାମର୍ଶଦାତା କମିଟି ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଛି।

କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଭାବେ ପରିଚିତ ଯାଜପୁର ରୋଡ ସହର ମଝିରେ ଥିବା ଅତି ପ୍ରଦୂଷଣ ସୃଷ୍ଟିକାରୀ ଗୁଡ୍‌ସ ସେଡ୍‌କୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଦୀର୍ଘ ବର୍ଷ ହେବ ଦାବି ହୋଇ ଆସୁଛି। ପ୍ରତ୍ୟେକ ପରାମର୍ଶଦାତା କମିଟି ବୈଠକରେ ଏନେଇ ପ୍ରସ୍ତାବ ଦିଆଯାଉଛି। କିନ୍ତୁ ଏହି ପ୍ରସ୍ତାବ କେବେ କାର୍ଯ୍ୟକାରୀ ହେବ ସେ ନେଇ ସହରବାସୀ ଚାହିଁ ରହିଛନ୍ତି। ଏହାବାଦ୍ ପ୍ରସ୍ତାବିତ ଫ୍ଲାଏ ଓଭର ବ୍ରିଜ୍ ଓ ୨ଟି ଗଳିପୋଲ ନିର୍ମାଣର ଅଗ୍ରଗତି ଅତ୍ୟନ୍ତ ନୈରାଶ୍ୟଜନକ ରହିଛି। କେନ୍ଦୁଝର-ଖୋର୍ଦ୍ଧା ରୋଡ ମେମୁ ଟ୍ରେନକୁ ସମ୍ପ୍ରସାରଣ, ନୂତନ ପାଦଚଲା ବ୍ରିଜ୍‌ରେ ଲିଫ୍ଟ ଏବଂ ବୈଦ୍ୟୁତିକ ସିଡ଼ି ସ୍ଥାପନ, ଦ୍ରୁତଗ୍ରାମୀ ଟ୍ରେନ ରହଣୀ ଇତ୍ୟାଦି ରହିଛି। ୧୨୮ ବର୍ଷ ପୁରୁଣା ଏହି ଷ୍ଟେଶନରେ ଏବେ ବି ହମସଫର, ଦୁରନ୍ତ, ରାଜଧାନୀ ଆଦି ସୁପରଫାଷ୍ଟ ଓ ସ୍ପେଶିଆଲ ଟ୍ରେନ ରହଣୀ ନ ଥିବାରୁ ଚାକିରିଆ, ଛାତ୍ରୀଛାତ୍ର, ବ୍ୟବସାୟୀ, ରୋଗୀ, ଶିଳ୍ପ କାରଖାନା କର୍ମଚାରୀ ପ୍ରମୁଖ ରେଳସେବାରୁ ବଞ୍ଚିତ ରହୁଛନ୍ତି। ଉପରୋକ୍ତ ସମସ୍ତ ଦ୍ରୁତଗାମୀ ଟ୍ରେନ ସେବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ବାଧ୍ୟ ହୋଇ କଟକ, ଭୁବନେଶ୍ୱର ଓ ଭଦ୍ରକ ଷ୍ଟେଶନ ଉପରେ ନିର୍ଭର କରୁଛନ୍ତି। ତେଣୁ ଏହି ଷ୍ଟେଶନ ଦେଇ ଚଳାଚଳ କରୁଥିବା ସମସ୍ତ ଟ୍ରେନ ରହଣୀ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

ଶିଳ୍ପ ଓ ଖଣି ନିକଟସ୍ଥ ଏହି ଷ୍ଟେଶନରୁ ସର୍ବାଧିକ ରାଜସ୍ୱ ଆଦାୟ କରାଯାଉଛି।

■ କାର୍ଯ୍ୟକାରୀ ହେଲାନି ଅମୃତ ଭାରତ ଯୋଜନା
■ ପରାମର୍ଶଦାତା କମିଟି ବୈଠକରେ ଉଦ୍‌ବେଗ ପ୍ରକାଶ

ଏନେଇ ରେଳମନ୍ତ୍ରୀଙ୍କ ମଧ୍ୟ ଅନେକ ଥର ଦୃଷ୍ଟି ଆକର୍ଷଣ କରାଯାଇଛି। ପ୍ରଧାନମନ୍ତ୍ରୀ ସମଗ୍ର ଭାରତରେ ବୁଲେଟ ଟ୍ରେନ ଚଳାଇବାକୁ ଘୋଷଣା କରିଛନ୍ତି। କିନ୍ତୁ ଯାଜପୁର ରୋଡ ରେଳ ଷ୍ଟେସନରେ ସବୁ ସୁବିଧା ଥାଇ ବି ଅନ୍ଧାରରେ ରହିଛି। ରେଲୱେ ମେଲ ସର୍ଭିସ କାଉଣ୍ଟର ଷ୍ଟେସନର ୨ ଏବଂ ୩ ନମ୍ବର ପ୍ଲାଟଫର୍ମ ମଝିରେ ରହିଛି। ତେଣୁ ଅଧିକାଂଶ ଯାତ୍ରୀଙ୍କ ମଧ୍ୟରେ ଏନେଇ ସୂଚନା ନାହିଁ। ତେଣୁ ଏହି ମେଲ ସର୍ଭିଲକୁ ଷ୍ଟେଶନର ପ୍ରବେଶପଥ ନିକଟକୁ ସ୍ଥାନାନ୍ତର କରାଯିବାକୁ ଦାବି ହୋଇଛି। ଏହାସହ ସବୁ ପ୍ରକାର ଭିତ୍ତିଭୂମି ଥାଇ ଏହି ରେଳଷ୍ଟେଶନକୁ ଡିଭିଜନ ମାନ୍ୟତା ମିଳି ପାରୁନାହିଁ । ସେହିପରି ସୁରକ୍ଷା ଦୃଷ୍ଟିରୁ ଏହି ଷ୍ଟେଶନରେ ଥିବା ଜିଆରପି(ଗଭର୍ମେଣ୍ଟ ରେଲୱେ ପୋଲିସ) ଥାନାକୁ ସମ୍ପୂର୍ଣ୍ଣ ଭାବେ ଅବହେଳା କରାଯାଉଥିବା ଅଭିଯୋଗ ହୋଇଛି। ଏହି ଜିଆରପି ଥାନାର ପ୍ରାୟ ୪୦୦ କିମି ଅଞ୍ଚଳ ମଧ୍ୟରେ ମାତ୍ର ୨ ଜଣ ଏଏସ୍‌ଆଇ ଏବଂ ୪ ଜଣ କନଷ୍ଟେବଲଙ୍କୁ ନିୟୋଜିତ କରାଯାଇଛି। ଫଳରେ ରେଲୱେ ଷ୍ଟେଶନଗୁଡିକରେ ଶାନ୍ତିଶୃଙ୍ଖଳା ରକ୍ଷା ସମେତ ତଦନ୍ତ ଏବଂ କ୍ରାଇମ ଚିହ୍ନଟରେ ବ୍ୟାହତ ହେଉଛି। ଏହି ମର୍ମରେ ରେଳ ପରାମର୍ଶଦାତା କମିଟିର ସଦସ୍ୟ ଭାଗିରଥି ଆଚାର୍ଯ୍ୟ ଡାଇରେକ୍ଟର ଜେନେରାଲ ଅଫ୍ ପୋଲିସ ଏବଂ ରେଳ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ସାରିଛନ୍ତି। ତଥାପି କେହି ଏଥିପ୍ରତି ଧ୍ୟାନ ଦେଉ ନାହାନ୍ତି। ଏହି ଜିଆରପି ଆଉଟପୋଷ୍ଟକୁ ଥାନାର ପାହ୍ୟାବୃଦ୍ଧି କରିବାକୁ ଏସ୍‌ପି ରେଲୱେ କଟକ ପକ୍ଷରୁ ୨୬।୪।୨୦୨୪ରେ ପ୍ରସ୍ତାବ ଦିଆଯାଇଛି। କିନ୍ତୁ ଏହାର ଅଗ୍ରଗତି ମଧ୍ୟ ନୈରାଶ୍ୟଜନକ ରହିଛି। ଏହିସବୁ ଦାବିଗୁଡିକ ଉପରେ ପରାମର୍ଶଦାତା କମିଟି ବୈଠକରେ ଉପସ୍ଥିତ ଥିବା କର୍ତ୍ତୃପକ୍ଷ ଖୁବଶୀଘ୍ର ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

ଏହି ବୈଠକରେ ଶିବରଞ୍ଜନ ମସ୍କରା, ଭାଗୀରଥି ଆଚାର୍ଯ୍ୟ, ଅକ୍ଷୟ କୁମାର ପଣ୍ଡା, ସେକ ମଜବୁର ରେହେମାନ, ବ୍ରଜବାହୁ ସିମନ୍ତ କେଶରୀ ସାମଲଙ୍କ ସମେତ ରେଳ ବିଭାଗ ପକ୍ଷରୁ ଏସିଏମ୍ ପି.କେ. ପ୍ରଧାନ, ଚିଫ୍ ଅଫିସର ସୁପରିଟେଣ୍ଡେଣ୍ଟ ନରହରି ବେହେରା, ଯାଜପୁର ରୋଡ ଷ୍ଟେଶନର ଏସ.ଏମ୍. ସୁଧୀର ଶେଖର ମହାପାତ୍ର, ଚିଫ କମର୍ସିଆଲ ଇନ୍ସପେକ୍ଟର ସୁଶାନ୍ତ କୁମାର ସାହୁ, ଜିଆରପି ଏଏସ୍‌ଆଇ ହେମଲତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ୬୮ ବର୍ଷରେ ସିଂହପୁର କାଳୀପୂଜା

ସିଂହପୁର,୫।୧୧ (ଅନଙ୍ଗ ଉଦୟ ବେଉରିଆ)



ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ବଜାରରେ କାଳୀପୂଜା ୬୮ ବର୍ଷରେ ପହଞ୍ଚିଛି। ଚଳିତ ବର୍ଷ ପ୍ରବଚନ, ଭଜନ ସମାରୋହ ଓ ୧୦ ତାରିଖଠାରୁ ଅପେରା ପରିବେଷଣ କରାଯିବ ବୋଲି ସିଂହପୁର ବ୍ୟବସାୟୀ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଏଠାରେ ୧୨ ଦିନଧରି ପୂଜା ପାଳନ କରାଯିବ। ଚାକଚକ୍ୟ ଆଲୋକରେ ପୂଜା ମଣ୍ଡପ ଝଲସୁଛି। ବ୍ୟବସାୟୀ ସଂଘ ପକ୍ଷରୁ ପୂଜାକୁ ଶାନ୍ତି ଶୃଙ୍ଖଳାର ସହିତ ସମ୍ପନ୍ନ କରିବାକୁ ପ୍ରସ୍ତୁତି କରାଯାଇଛି। ସିଂହପୁର ବଜାରର ମାତ୍ର ୧୦ ବ୍ୟବସାୟୀ ସରସ୍ୱତୀ ପୂଜା ଆରମ୍ଭ କରିଥିଲେ। ୧୯୫୬ରୁ ବୈଷ୍ଣବ ଚରଣ ଜେନା, ସୂର୍ଯ୍ୟମଣି ପାତ୍ର, ଜଗନ୍ନାଥ ଧଳ, ଶୁକଦେବ ସାମଲ ଓ ରାମଚନ୍ଦ୍ର ସାମଲଙ୍କ ନେତୃତ୍ୱରେ କାଳୀପୂଜା ଆରମ୍ଭ ହୋଇଥିଲା। ପରେ ବୈଷ୍ଣବ ଚରଣ ବେଉରିଆ, ମାନଗୋବିନ୍ଦ ନାୟକ, ବୈକୁଣ୍ଠ ପାତ୍ର ଓ ଅନିରୁଦ୍ଧ ବେଉରିଆଙ୍କ ସମେତ ବ୍ୟବସାୟୀମାନେ ପୂଜାକୁ ସମାରୋହରେ ପାଳନ କରିଥିଲେ। ଏହିପୂଜା ଏବେ ଗଣପର୍ବରେ ପରିଣତ ହୋଇଛି। ବିଞ୍ଝାରପୁର ବ୍ଲକ ସମେତ, ଦଶରଥପୁର ବ୍ଲକ, ପଡ଼ୋଶୀ କେନ୍ଦ୍ରାପଡ଼ା ଜିଲାର ଆଳି ଓ ରାଜକନିକା ବ୍ଲକର ଲୋକେ ପୂଜା ଉତ୍ସବକୁ ଆସୁଛନ୍ତି। ବ୍ୟବସାୟୀ ସଂଘ ସମ୍ପାଦକ ନିରଞ୍ଜନ ବେଉରିଆ କହିଛନ୍ତି, ଏହି ପୂଜାକୁ ପ୍ରାୟ ୮୦ ଗ୍ରାମର ଲୋକେ ଆସିଥାନ୍ତି। ଏହା ଏବେ ଅଞ୍ଚଳର ଗଣପର୍ବ ପାଲଟିଛି। ଚଳିତ ବର୍ଷ ୧୨ ଦିନ ଧରି ପୂଜା ଚାଲିବ। ପୂଜାରେ ପୋଲିସ ନିୟୋଜିତ ଥିଲେ ମଧ୍ୟ କୌଣସି ଆବଶ୍ୟକତା ପଡ଼େନି। ଶାନ୍ତି ଶୃଙ୍ଖଳାର ସହ ପୂଜା ସମ୍ପନ୍ନ ହୁଏ।

## ପୁରାତନ ଛାତ୍ରୀଛାତ୍ରଙ୍କ ଗୁରୁପୂଜନ ଉତ୍ସବ

ବିଞ୍ଝାରପୁର,୫।୧୧ (ରାମକୃଷ୍ଣ ଦାସ):

ଗୁରୁହିଁ ଜୀବନର ଚଲାପଥର ଶ୍ରେଷ୍ଠ ମାର୍ଗଦର୍ଶକ ବୋଲି ମାଇଁନ୍ଦା ୟୁଜିଏମ୍‌ଇ ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ରମାନେ ଗୁରୁ ପୂଜନ ଓ ବନ୍ଧୁ ମିଳନ ଉତ୍ସବରେ ମତବ୍ୟକ୍ତ କରିଛନ୍ତି। ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ମଇଁନ୍ଦା ୟୁଜିଏମ୍‌ଇ ବିଦ୍ୟାଳୟର ୧୯୯୪ରୁ ୨୦୦୪ ପର୍ଯ୍ୟନ୍ତ ଅଧ୍ୟୟନ କରିଥିବା ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସ୍ଥାନୀୟ ବରୁଣେଶ୍ୱର କଲ୍ୟାଣମଣ୍ଡପରେ ଗୁରୁପୂଜନ ଓ ବନ୍ଧୁମିଳନ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ପୁରାତନ ଛାତ୍ର ଦିପ୍ତୀରଞ୍ଜନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଶାନ୍ତ ନାଥଶର୍ମା ସଭାକାର୍ଯ୍ୟ କରିଚାଳନା କରିଥିଲେ। ମୁଖ୍ୟ ଅତିଥି ରୂପେ ମଇଁନ୍ଦା ୟୁଜିଏମଇ ବିଦ୍ୟାଳୟର ତତ୍କାଳନୀ ପ୍ରଧାନଶିକ୍ଷୟିତ୍ରୀ ପ୍ରମଦା ପଟ୍ଟନାୟକ, ସମ୍ମାନୀୟ ଅତିଥି ରୂପେ ଶିକ୍ଷକ ଅଚ୍ୟୁତାନନ୍ଦ ଧଳ, ଲକ୍ଷ୍ମଣ ଜାମୁଦା, ବିରଞ୍ଚିନାରାୟଣ କର, କଲ୍ୟାଣୀ ଦାଶ, ମନୋରମା ଦେ,ସୁଷମା ପରିଡ଼ା ପ୍ରମୁଖ ଯୋଗଦେଇଥିଲେ । ପୁରାତନ ଛାତ୍ରୀଛାତ୍ର ମୃତ୍ୟୁଞ୍ଜୟ ନାୟକ, ରମାକାନ୍ତ ସାମଲ, ପ୍ରକାଶ ନାଥ ଶର୍ମା, ମୋନାଲିସା ଧଳ, ଅନୀତା ଧଳ,ଶର୍ମିଷ୍ଠା ଧଳ, ବୈଜୟନ୍ତୀ ଧଳ,ରଘୁ ନାଥଶର୍ମା, ପ୍ରଦୀପ ଓଝା,ସମୀର ଦାସ, ସୁକାନ୍ତ ଧଳ,ରତିକାନ୍ତ ସାମଲ, ଜ୍ୟୋତି ପ୍ରକାଶ ସାମଲ, ସିଦ୍ଧେଶ୍ୱର ସାହୁ, ମୃତ୍ୟୁଞ୍ଜୟ ନାଥଶର୍ମା, ଦେବେନ୍ଦ୍ର ନାଥଶର୍ମା, ସଂଗ୍ରାମ ନାଥଶର୍ମା, ଭରତ ବେହେରା, ରାଜେଶ ନାୟକ, ଗୟାଧର ବେହେରା, ପୂର୍ଣ୍ଣପ୍ରଭା ବେହେରା, ସ୍ୱାଗତିକା ପରିଡା, ପ୍ରଜ୍ଞାପରମିତା ଆଚାର୍ଯ୍ୟ, ଭାଗ୍ୟଶ୍ରୀ ସାମଲ, ଦିପ୍ତିମୟୀ ସତାର ପ୍ରମୁଖ ଉପସ୍ଥିତ ରହି ଗୁରୁଙ୍କୁ ଆଶୀର୍ବାଦ ଭିକ୍ଷା କରିଥିଲେ । ଏହି ଅବସରରେ ପୁରାତନ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ଜୀବନର ପୁରୁଣାସ୍ମୃତିକୁ ରୋମନ୍ଥନ କରିଥିଲେ ।

## ସଂକ୍ଷେପରେ

### ଗେଙ୍ଗୁଟୀରୁ ମହିଳାଙ୍କ ମୃତଦେହ ଜବତ

ଚଣ୍ଡିଖୋଲ,୫।୧୧ (ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଖଡ଼ିଅଙ୍ଗଠାରେ ଗେଙ୍ଗୁଟି ନଦୀରୁ ଜଣେ ମହିଳାଙ୍କ ମୃତଦେହ ଜବତ କରିଛି ପୋଲିସ। ମଙ୍ଗଳବାର ସକାଳେ ମାଛ ଧରିବାକୁ ଯାଇଥିବା ଲୋକେ ଏହାଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଗ୍ରାମବାସୀ ପୋଲିସକୁ ଜଣାଇବା ପରେ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ମୃତ ମହିଳା ହେଲେ କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ ବାଜପୁରା ପଞ୍ଚାୟତ ଗୋପାଳପୁର ଗ୍ରାମର କାଞ୍ଚନବାଳା ସାହୁ(୫୮)। ତାଙ୍କ ଭାଇ ଖଗେଶ୍ୱର ଆସି ମୃତଦେହ ଚିହ୍ନଟ କରିବା ପରେ ଥାନାରେ ଅଭିଯୋଗ କରିଥିଲେ। ମହିଳା ଜଣକ ଗତ ୩ ତାରିଖରୁ ନିଖୋଜ ଥିଲେ। ସେ ଦୀର୍ଘ ବର୍ଷ ଧରି ଆସି ବାପ ଘରେ ରହୁଥିଲେ। ଗେଙ୍ଗୁଟି ନଦୀକୁ ଗାଧୋଇବାକୁ ଆସି ନିଖୋଜ ହୋଇ ଯାଇଥିଲେ। ଏନେଇ ଥାନାରେ ନଂ.୧୭/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ୪ ପଞ୍ଚାୟତରୁ ପଲିଥିନ ଜବତ କଲା ତହସିଲ ପ୍ରଶାସନ

ବରୀ,୫।୧୧ (ମହେନ୍ଦ୍ର ସ୍ୱାଇଁ)

ବାତ୍ୟା ଦାନାବେଳେ ବରୀ ତହସିଲରୁ ଜୋରଜବରଦସ୍ତ ପଲିଥିନ ନେଇଯାଇଥିବା ୪ ପଞ୍ଚାୟତ କଳାମାଟିଆ, ଉଦୟନାଥପୁର, ବାଲିଆ ଓ ଧାରପୁରରୁ ତହସିଲ ପକ୍ଷରୁ ପଲିଥିନ୍ ଜବତ କରାଯାଇଛି। କେତେଜଣ ନିଜକୁ ଲୋକ ପ୍ରତିନିଧି ଦର୍ଶାଇ ଜୋରଜବରଦସ୍ତ ତହସିଲ କାର୍ଯ୍ୟାଳୟରୁ ପଲିଥିନ ନେଇଯାଇଥିଲେ। ଏନେଇ ତହସିଲଦାର ସାଇଶ୍ରୀ ଲୋକନାଥ ସେଠୀ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲାସ୍ତରୀୟ ଅଧିକାରୀଙ୍କ ତଦନ୍ତ ପରେ ପଲିଥିନ ଜବତ କରାଯାଇ ସମ୍ପୃକ୍ତ ସର୍କଲର ରାଜସ୍ୱ ନିରୀକ୍ଷକଙ୍କୁ ହସ୍ତାନ୍ତର କରାଯାଇଛି। ଏ ସମ୍ପର୍କରେ ତହସିଲଦାର ସାଇଶ୍ରୀ ଲୋକନାଥ ସେଠୀ କହିଛନ୍ତି, କେତେଜଣ ତାଙ୍କୁ ଧମକଚମକ ଦେଇ ଜୋରଜବରଦସ୍ତ ପଲିଥିନ ନେଇ ଯାଇଥିଲେ।

### ମା’କାଳୀଙ୍କୁ ଦର୍ଶନ କଲେ ବିଧାୟିକା

ବିଞ୍ଝାରପୁର,୫।୧୧ (ରାମକୃଷ୍ଣ ଦାସ)

ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ନିଜ ନିର୍ବାଚନ ମଣ୍ଡଳୀର ବିଭିନ୍ନ ପୂଜା ମଣ୍ଡପ ବୁଲି ମା’ଙ୍କ ନିକଟରେ ପୂଜାର୍ଚ୍ଚନା କରିଛନ୍ତି। ବିଧାୟିକା ମାଁସଡା ପଞ୍ଚାୟତ ଗୌତସାହିସ୍ଥିତ ମା’ଶ୍ୟାମାକାଳୀଙ୍କ ନିକଟରେ ସମାଜ କଲ୍ୟାଣ ନିମିତ୍ତ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ। ପୀଠ ପୂଜକ ପଣ୍ଡିତ ଶ୍ୟାମସୁନ୍ଦର ଦାଶ ଚଣ୍ଡିପାଠ କରିଥିଲାବେଳେ ପୂଜାରେ ପଣ୍ଡିତ ସୁମନ୍ତ ଦାଶ ସହଯୋଗକରିଥିଲେ।

## ମସଲା କାରଖାନାକୁ ବିରୋଧ କଲେ ଛାତ୍ରୀଛାତ୍ର


ବଲରାମପୁର ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ନିର୍ମାଣାଧୀନ ମସଲା କାରଖାନାକୁ ଛାତ୍ରୀଛାତ୍ର ବିରୋଧ କରୁଛନ୍ତି।

ଜେନାପୁର,୫।୧୧ (ଅଶୋକ ଦାସ)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ତାଳଜଙ୍ଗ ପଞ୍ଚାୟତ ବଲରାମପୁର ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ନିର୍ମାଣାଧୀନ ମସଲା କାରଖାନାକୁ ଛାତ୍ରୀଛାତ୍ର ବିରୋଧ କରିଛନ୍ତି। ଏନେଇ ମଙ୍ଗଳବାର ଅପରାହ୍ନରେରେ ଛାତ୍ରୀଛାତ୍ର ମସଲା କାରଖାନା ଆଗରେ ଧାରଣା ଦେଇଛନ୍ତି। ବିଦ୍ୟାଳୟ ଫାଟକଠାରୁ ମାତ୍ର ୧୦ ମିଟର ଦୂରରେ ହେଉଥିବା ଏହି କାରଖାନା ଛାତ୍ରୀଛାତ୍ରଙ୍କ ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି କରିବ। ଏଥିସହିତ ବାୟୁ ପ୍ରଦୂଷଣ ହେବ। କାରଖାନା ଶବ୍ଦରେ ପିଲା ପାଠ ପଢ଼ିବାରେ ବ୍ୟାଘାତ ସୃଷ୍ଟି ହେବ ବୋଲି ଅଭିଭାବକ ମତପ୍ରକାଶ କରିଛନ୍ତି। ଏହି ବିଦ୍ୟାଳୟରେ ଅଷ୍ଟମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୨୧୮ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ତେଣୁ କାରଖାନା ବନ୍ଦ ନ ହେଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଛାତ୍ରୀଛାତ୍ର ଚେତାବନୀ ଦେଇଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଭାବକ ଦାବି କରିଛନ୍ତି।

## ଆଇନ ସଚେତନତା ସଭା

ଯାଜପୁର ଟାଉନ,୫।୧୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଉତ୍ତରେଶ୍ୱର ଉଚ୍ଚ ବିଦ୍ୟାଳୟ ମାଳଆନ୍ଦପୁର ପରିସରରେ ବିଦ୍ୟାଳୟ ଛାତ୍ର ଆଇନ ସଚେତନତା କ୍ଲବ ସହାୟତାରେ ଏକ ଆଇନ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ପ୍ରାଧିକରଣର ସଚିବ ଜ୍ୟୋତିର୍ମୟୀ ଦାସ ଅଧ୍ୟକ୍ଷତା କରିଥିଲେ। ଅତିଥି ଆଲୋଚକଭାବେ ପ୍ରାଧିକରଣର ପ୍ରାକ୍ତନ ସଦସ୍ୟ ଡା. ରୁଦ୍ରନାରାୟଣ ପୃଷ୍ଟି, ଜିଲା ଆରକ୍ଷୀ ତତ୍ତ୍ୱାବଧାରିକା ମିନତି ବିଶ୍ୱାଳ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ପ୍ରମୁଖ ଯୋଗଦେଇ ଉକ୍ତ କ୍ଲବ୍‌ର ଗଠନ କାର୍ଯ୍ୟ ପରିସର ଓ ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହିତ ଶିଶୁଙ୍କ ଯତ୍ନ ଓ ସୁରକ୍ଷା ସମ୍ବନ୍ଧୀୟ ଆଇନ୍ ଏବଂ ସେଥିରେ ସରକାରୀ ବ୍ୟବସ୍ଥା ବିଷୟରେ ଆଲୋଚନା କରିଥିଲେ। ପ୍ରଧାନଶିକ୍ଷକ ନନିଗୋପାଳ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ବିଦ୍ୟାଳୟର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ‘ସମ୍ଭବ’ ପତ୍ରିକାର ସ୍ୱନକ୍ଷତ୍ର ସମାରୋହ

ଧର୍ମଶାଳା,୫।୧୧ (ବଟକୃଷ୍ଣ ପରିଡ଼ା)


‘ସମ୍ଭବ’ ପତ୍ରିକାର ସ୍ୱନକ୍ଷତ୍ର ସମାରୋହରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଧର୍ମଶାଳା ମହାବିଦ୍ୟାଳୟରେ ‘ସମ୍ଭବ’ ସାହିତ୍ୟ ପତ୍ରିକାର ୨୦ତମ ସ୍ୱନକ୍ଷତ୍ର ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ କବି ତଥା ଅଧାପକ ସୁବ୍ରତ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥାର ସଦସ୍ୟ ସଚିବ ଡ. ସୁବ୍ରତ କୁମାର ପୃଷ୍ଟି ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି ଅହଂକାର ହେଉଛି ମୃତ୍ୟୁ, ସାହିତ୍ୟ ହେଉଛି ଜୀବନ। ଧର୍ମଶାଳାର ବଜ୍ରଗିରି ବିହାର ହେଉଛି ଗୁରୁ ପଦ୍ମସମ୍ଭବଙ୍କ ପଠନ ଭୂମି ବୋଲି ମତବ୍ୟକ୍ତ କରିଥିଲେ। ବଶିଷ୍ଟ କବି ପୀତାମ୍ବର ତରାଇ ମୁଖ୍ୟବକ୍ତାଭାବେ ଯୋଗଦେଇ କବିତା ମନୁଷ୍ୟତ୍ୱ ନିର୍ମାଣ କରେ। ସାହିତ୍ୟ ବିଶ୍ୱ ହୃଦୟ ସହିତ ଯୋଡ଼ିଥାଏ ବୋଲି କହିଥିଲେ। ଦାନ ଉତ୍ସବର ରାଜ୍ୟ ସଂଯୋଜକ ବିପିନ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ମା’ଠାରୁ ସାହିତ୍ୟର ଜନ୍ମ। ସାହିତ୍ୟ ମଣିଷର କଥା କହୁ। ସାହିତ୍ୟରେ ମଣିଷ ପୂଜା ପାଉ ବୋଲି ସେ ମତପ୍ରକାଶ କରିଥିଲେ। ଏହି ଅବସରରେ ‘ସମ୍ଭବ’ ପତ୍ରିକାର ପୂଜା ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସେହିପରି ବିଶିଷ୍ଟ ପ୍ରାବନ୍ଧିକ ତଥା କବି ମନୋରଞ୍ଜନ ମହାନ୍ତି କବିତା ସଙ୍କଳନ ‘ଭାବ ବିଭବ’ ଏବଂ କବି ଅଜୟ କୁମାର ଦାସଙ୍କ କବିତା ସଙ୍କଳନ ‘ଅନାହତ ଅନୁଚିନ୍ତା’ ପୁସ୍ତକ ଉନ୍ମୋଚିତ ହୋଇଥିଲା। ସମ୍ଭବର ସମ୍ପାଦକ ଅଖିଳ କୁମାର ସ୍ୱାଇଁ ସମ୍ପାଦକୀୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ସ୍ତମ୍ଭକାର ମନୋରଞ୍ଜନ ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ଅଧାପକ ବିଜୟ କୁମାର ନାୟକ ସୂଚନା ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସଙ୍ଗୀତକାର ଶୁଭଦାନନ୍ଦ ଦାଶ ସଙ୍ଗୀତ ପରିବେଷଣ କରିଥିଲେ। ସାମାଜିକ କର୍ମୀ ଦେବବ୍ରତ ରାଉତ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେଷନରେ ଡ. ପ୍ରଶାନ୍ତ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କବିତା ପାଠ ଉତ୍ସବରେ କବି କଳ୍ପନା ପଣ୍ଡା ଓ କବି ଗଣେଶ୍ୱର ବେହେରା କବିତା ସଂଯୋଜନା କରିଥିଲେ। ସର୍ବଶ୍ରୀ କବି ପଦ୍ମଜା ଶରଣ, ସନ୍ଧ୍ୟାରାଣୀ ମିଶ୍ର, ସରୋଜିନୀ ପଣ୍ଡା, ବିଜୟ କୁମାର ଦେବତା, କାଦମ୍ବିନୀ ମିଶ୍ର, ଦେବେନ୍ଦ୍ର ପଟ୍ଟନାୟକ, ଗଣେଶ୍ୱର ନାୟକ, ଶଶିଭୂଷଣ ଦ୍ୱାରୀ, ଝରଣା ନାୟକ ଓ ମମତା ବାରିକ ପ୍ରମୁଖ ବହୁ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ।

## ଅଂଶୁମାନ ଟ୍ରଷ୍ଟ ପକ୍ଷରୁ ୫୪ ପଞ୍ଚାୟତରେ ହେବ ସ୍ୱାସ୍ଥ୍ୟମେଳା

ଧର୍ମଶାଳା/କାଏମା,୫।୧୧
(ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି)



ସ୍ୱାସ୍ଥ୍ୟମେଳା ସମ୍ପର୍କରେ ବିଧାୟକ ହିମାଂଶୁ ଶେଖର ସାହୁ ସୂଚନା ଦେଉଛନ୍ତି।

ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ତତ୍ତ୍ୱାବଧାନରେ ନିର୍ବାଚନମଣ୍ଡଳୀର ୫୪ ପଞ୍ଚାୟତରେ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହେବ। ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ସ୍ମୃତିରେ ଅଂଶୁମାନ ଟ୍ରଷ୍ଟ ଆନୁକୂଲ୍ୟରେ ଏହି ସ୍ୱାସ୍ଥ୍ୟମେଳା ନଭେମ୍ବର ୭ରୁ ମାର୍ଚ୍ଚ ୯ ପର୍ଯ୍ୟନ୍ତ ଚାଲିବ। ଗ୍ରାମାଞ୍ଚଳରେ ଗରିବ ଓ ଅବହେଳିତ ଲୋକେ ବିଭିନ୍ନ ରୋଗର ଶିକାର ହୋଇ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ସେହିଭଳି ଲୋକଙ୍କ ପାଖରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲାଗି ଟ୍ରଷ୍ଟର ପ୍ରୟାସ ବୋଲି ବିଧାୟକ କହିଛନ୍ତି। ଲୋକ ମଧୁମେହ, ଉଚ୍ଚ ରକ୍ତଚାପ, ପଞ୍ଚାୟତସ୍ତରରେ ହେଉଥିବା ସ୍ୱାସ୍ଥ୍ୟମେଳାରେ ସ୍ୱାସ୍ଥ୍ୟ ପରୀକ୍ଷା କରିବାର ସୁଯୋଗ ନେବାକୁ ବିଧାୟକ ନିବେଦନ କରିଛନ୍ତି। ଏଥିସହିତ ନଭେମ୍ବର ୧୪ ଶିଶୁ ଦିବସ ଉପଲକ୍ଷେ ଜାରକାସ୍ଥିତ ମହୋତ୍ସବ ପଡ଼ିଆରେ ଏକ ଶିଶୁମେଳା ଆୟୋଜନ କରାଯିବ। ଏଥିରେ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୪୦୦ରୁ ଉର୍ଦ୍ଧ୍ୱ ସ୍କୁଲର ଛାତ୍ରୀଛାତ୍ରଙ୍କ ମଧ୍ୟରେ ରଚନା, ତର୍କ, ସଙ୍ଗୀତ, ନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେଥିମଧ୍ୟରୁ ୫ଜଣ ପ୍ରତିଯୋଗୀଙ୍କୁ ବଛାଯିବ। ଜାରକାସ୍ଥିତ ମହୋତ୍ସବ ପଡ଼ିଆରେ ହେବାକୁ ଥିବା ଶିଶୁମେଳାରେ ପ୍ରମୁଖ ମନ୍ତ୍ରୀଙ୍କ ସମେତ ଜିଲାର ବହୁ ବିଧାୟକ ଓ ନେତା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏନେଇ ମଙ୍ଗଳବାର କୁମାରୀସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବିଧାୟକ ସାହୁ ସୂଚନା ଦେଇଛନ୍ତି। ସମ୍ମିଳନୀରେ ରାଜେଶ ପାଳ, ଜିତେନ୍ଦ୍ର ରାଉତ, ଶରତ କୁମାର ଓଝା, ଆଲୋକ ଲେଙ୍କା, ଅଂଶୁମାନ ରଥ ଓ ଗୌତମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିସ୍ଥାପିତ ପରିବାରକୁ ସ୍ଥାୟୀ ନିଯୁକ୍ତି ଆଲୋଚନା ବିଫଳ

କଳିଙ୍ଗନଗର,୫।୧୧ (ଶୁଭାଶିଷ ରାଉତ)

ନୀଳାଚଳ କାରଖାନାରେ ମୃତକ ବିସ୍ଥାପିତଙ୍କ ପରିବାରକୁ ସ୍ଥାୟୀ ନିଯୁକ୍ତି ତୁରନ୍ତ ପ୍ରଦାନ ଦାବିକୁ ନେଇ ବିବାଦ ବଢ଼ିବାରେ ଲାଗିଛି। ମଙ୍ଗଳବାର ଏନେଇ କଳିଙ୍ଗନଗର ଏଡିଏମ୍‌ଙ୍କ କାର୍ଯ୍ୟାଳୟଠାରେ ହୋଇଥିବା ଆଲୋଚନା ବିଫଳ ହୋଇଛି। ମୃତକଙ୍କ ଉତ୍ତରାଧିକାରୀଙ୍କୁ କାରଖାନାରେ ସ୍ଥାୟୀ ନିଯୁକ୍ତି ଦେବା ପାଇଁ ବାରମ୍ବାର ଦାବି ହେଉଛି। ସମସ୍ତେ ଦଳିତ ଆଦିବାସୀ ଶ୍ରେଣୀର। ବିସ୍ଥାପିତ ହେବା ପରେ ସର୍ବସ୍ୱ ହରାଇ ଏକମାତ୍ର ରୋଜଗାର କାରଖାନା ଚାକିରି ଉପରେ ସେମାନେ ନିର୍ଭରଶୀଳ ଥିଲେ। ମାତ୍ର କାରଖାନା କର୍ତ୍ତୃପକ୍ଷ ହାତ ଗଣତି କେତେଜଣଙ୍କୁ ନିଯୁକ୍ତି ଦେଇ ଅନ୍ୟମାନଙ୍କୁ ବର୍ତ୍ତମାନ ଅଣଦେଖା କରୁଛନ୍ତି। ଏନେଇ ଗତ ୨୨।୧୦।୨୪ରେ ବିସ୍ଥାପିତ କରିବାର ଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଥିଲେ। ତାହା ଉପରେ ମଙ୍ଗଳବାର ଆଲୋଚନା ପାଇଁ ଡକାଯାଇଥିଲା। କିନ୍ତୁ ଆଲୋଚନାକୁ କାରଖାନା କର୍ତ୍ତୃପକ୍ଷ ଆସିଲେ ନାହିଁ। ଫଳରେ ଜିଲା ପ୍ରଶାସନ ସହିତ ବିସ୍ଥାପିତଙ୍କ ଆଲୋଚନା ବିଫଳ ହୋଇଛି। ଏହାର ପ୍ରତିବାଦରେ ଖୁବ୍‌ଶୀଘ୍ର ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି ବିସ୍ଥାପିତ ପରିବାର। ଏହି ଆଲୋଚନାରେ କଳିଙ୍ଗନଗର ଏଡିଏମ୍, କଳିଙ୍ଗନଗର ଅତିରିକ୍ତ ଏସପି ଏସ୍ ଟପ୍ପୋ, କଳିଙ୍ଗନଗର ଥାନା ଅଧିକାରୀଙ୍କ ସମେତ ବିସ୍ଥାପିତ ପରିବାରର ଯଯାତି କେଶରୀ ମହାନ୍ତ, ସୁଶାନ୍ତ ମହାନ୍ତ, ତୁରାମ ପୂର୍ତ୍ତି ଓ ଚୈତନ୍ୟ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ରାସ୍ତା ମରାମତି ହେଉନି, ବଢୁଛି ଦୁର୍ଘଟଣା

ଜେନାପୁର,୫।୧୧ (ଅଶୋକ ଦାସ)


ବିପର୍ଯ୍ୟସ୍ତ ହୋଇପଡିଥିବା ରାସ୍ତା।

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ପଞ୍ଚାୟତର ମେଡିକାଲ ଛକଠାରୁ ଜେନାପୁର ରେଲୱେ ଷ୍ଟେଶନକୁ ସଂଯୋଗ କରୁଥିବା ରାସ୍ତାରେ ବଡ଼ବଡ଼ ଖାଲ ସୃଷ୍ଟି ହୋଇଛି। ପୂର୍ତ୍ତ ବିଭାଗ(ଗୋପାଳପୁର) ଅଧୀନରେ ଥିବା ଏହି ରାସ୍ତା ମରାମତି ଅଭାବରୁ ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତା କାମ ନିମ୍ନମାନର ହୋଇଥିବାରୁ ଅନେକ ସ୍ଥାନରେ ମେଟାଲ, ବାଲି, ଚିପସ ଉଠିଯାଇଛି। ଏହା ମୁଖ୍ୟ ରାସ୍ତା ହୋଇଥିବାରୁ ଲୋକେ ଯାତାୟାତ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ମନ୍ଦିର, ମେଡିକାଲ, ଥାନା ଓ ରେଳଷ୍ଟେଶନକୁ ଯାତାୟାତ ପାଇଁ ଅସୁବିଧା ହେଉଛି। ଅନେକ ସମୟରେ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନି ଘଟୁଛି। ରାସ୍ତା ମରାମତି ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି। ଉକ୍ତ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟିଦେଇ ରାସ୍ତା ମରାମତି କରିବାକୁ ଦାବି ହୋଇଛି।

# କେନ୍ଦ୍ରାପଡ଼ାରେ ଡେରା ପକାଇଛି କେରଳ ବସ୍

■ କର୍ମନିଯୁକ୍ତି ଆଶାୟୀଙ୍କୁ ଜିଲାରେ ମିଳୁନି କାମ

■ ଉପାନ୍ତ ଅଞ୍ଚଳର ଯୁବବର୍ଗ ଜିଲା ଛାଡ଼ିବାକୁ ପ୍ରସ୍ତୁତ

କେନ୍ଦ୍ରାପଡ଼ା, ୫।୧୧ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାର ଗଣପର୍ବ ଗଜଲକ୍ଷ୍ମୀ ପୂଜା ଓ ମା' ଶ୍ୟାମାକଳୀଙ୍କ ପୂଜା ସରିଛି। ପର୍ବ ପାଇଁ ଘରକୁ ଆସିଥିବା ଯୁବ ଶ୍ରମିକ ଏବେ ବିଦେଶମୁହାଁ ହୋଇଛନ୍ତି। ଏଥିପାଇଁ କେରଳ ସମେତ ବିଭିନ୍ନ ରାଜ୍ୟର ବସ୍ ଶ୍ରମିକଙ୍କୁ ନେବା ପାଇଁ ଜିଲାର ବିଭିନ୍ନ ସ୍ଥାନରେ ଡେରା ପକାଇଛନ୍ତି।

ଏ ସମ୍ପର୍କରେ ରାଜନଗର ବ୍ଲକ ସାତଭାୟାର ସୁଦର୍ଶନ ରାଉତ କହିଛନ୍ତି, କୃଷିଭିତ୍ତିକ ଅର୍ଥନୀତିରେ ପରିଚାଳିତ କେନ୍ଦ୍ରାପଡ଼ା ଜିଲା ଏବେ ଭିତ୍ତିଭୂମି ଅଭାବରୁ ରାଜ୍ୟରେ ପଛୁଆ ଜିଲା ଭାବେ ପରିଗଣିତ ହୋଇଛି। କୃଷି କ୍ଷେତ୍ର ପଡ଼ିଆ ପଡୁଛି। ଖଣି ଓ ଶିଳ୍ପ ନାହିଁ। ୫୭ ହଜାରରୁ ଅଧିକ ଗ୍ରାଜୁଏଟ ଓ ବୈଷୟିକ ଜ୍ଞାନଧାରୀ ଜିଲା କର୍ମ ନିୟୋଜନ ବିଭାଗରେ ନିଜର ନାମ ପଞ୍ଜୀକରଣ କରିଥିଲେ ମଧ୍ୟ ନିଯୁକ୍ତି ନାହିଁ। ଜୀବନ ଧାରଣ ଓ ପରିବାର ପୋଷଣ ପାଇଁ ଜିଲା ବାହାରକୁ ଯୁବବର୍ଗଙ୍କୁ ଯିବାକୁ ପଡୁଛି। ସାତଭାୟାର ଭରତ ବେହେରା କହିଛନ୍ତି, ସମୁଦ୍ର ତଟରେ ଘର ସହିତ ଚାଷ ଜମି ଥିଲା। ତଟକ୍ଷୟ ଯୋଗୁ ଏଠାରେ ଥିବା ୭ ଗ୍ରାମ ସମୁଦ୍ରରେ ମିଶିଯାଇଛି। ଗ୍ରାମରେ ଥିବା ୫୭୧ ପରିବାର ନିକଟସ୍ଥ ବଗପାଟିଆକୁ ସ୍ଥାନାନ୍ତର ହୋଇଛନ୍ତି। ପ୍ରତି ପରିବାରର ଥିବା ଚାଷ ଜମି ସମୁଦ୍ରରେ ମିଶି ଥିବାରୁ କ୍ଷେତ କରିବା ସମ୍ଭବ ନୁହେଁ। ସରକାରଙ୍କ ପକ୍ଷରୁ ମିଳୁଥିବା ରାଶନ ସାମଗ୍ରୀ ହୁଏତ ମାସକ ମଧ୍ୟରୁ ୧୫ ଦିନ ପେଟ ପୂରାଇବାରେ ସକ୍ଷମ। ତେବେ ଗରିବୀ ହଟାଇବା ପାଇଁ ପର୍ଯ୍ୟାପ୍ତ ନୁହେଁ। ଅହେତୁକ ଦରବୃଦ୍ଧି ସାଧାରଣ ଜୀବନଯାପନ ପ୍ରଣାଳୀକୁ ପ୍ରଭାବିତ କରିଛି। ପିଲାଙ୍କ ଆବଶ୍ୟକତା ଏଠାରେ ରହି ପୂରଣ କରି ହେଉନାହିଁ। କିଛି ଭଲ ରୋଜଗାର ଆଶାରେ ପ୍ରଥମ ଥର ପାଇଁ କେରଳ ଯାଉଥିବା ସେ ପ୍ରକାଶ କରିଛନ୍ତି। ଗୁପ୍ତିର ସରୋଜକାନ୍ତ ସ୍ୱାଇଁ କହିଛନ୍ତି, ଏର୍ଣ୍ଣାକୁଲମ ଜିଲା ପେରୁମଭୁରଠାରେ ଗୋଟିଏ ପ୍ଲାଇଉଡ୍ କମ୍ପାନୀରେ ଚାକିରି କରନ୍ତି। ପ୍ରତିବର୍ଷ ଗଣେଶ ପୂଜା ପୂର୍ବରୁ ଘରକୁ ଫେରନ୍ତି। ଜିଲାର ଗଣପର୍ବ ଗଜଲକ୍ଷ୍ମୀ ଓ କାଳୀ ପୂଜା ପରେ କର୍ମସ୍ଥଳୀକୁ ଫେରନ୍ତି। ଜିଲାର କର୍ମ ନିୟୋଜନ ସମ୍ପର୍କରେ ସେ କହିଛନ୍ତି, ପ୍ରାକୃତିକ ବିପର୍ଯ୍ୟୟ କୃଷି କ୍ଷେତ୍ର ପାଇଁ ବିପଦ ହୋଇଥିବାବେଳେ ସରକାରୀ ପ୍ରୋତ୍ସାହନର ଅଭାବ ଅଛି। ଏଠାରେ ଅର୍ଥକରୀ ଫସଲ ଉତ୍ପାଦନ ହେଲେ ମଧ୍ୟ ବଜାର, ମଣ୍ଡି ଓ ଶୀତଳଭଣ୍ଡାର ଅଭାବରୁ ଅଭାବୀ ବିକ୍ରି କରିବାକୁ ପଡ଼େ। ସେହିପରି ଜିଲାରେ କୌଣସି କଳ କାରଖାନା ନ ଥିବାରୁ ଯୁବବର୍ଗ କର୍ମ ନିଯୁକ୍ତି ପାଇଁ କେରଳ, ତାମିଲନାଡୁ, ସୁରଟ ଆଦି ଅଞ୍ଚଳକୁ ଯାଇଥାନ୍ତି। କମ୍ପାନୀ ପକ୍ଷରୁ ଏଠାରୁ ଯିବା ପାଇଁ ବସ ବ୍ୟବସ୍ଥା କରାଯାଇଛି। ଜିଲାରେ ପର୍ଯ୍ୟାପ୍ତ କର୍ମ ନିଯୁକ୍ତି ମିଳିଲେ ଯୁବବର୍ଗ ୨ହଜାର କିଲୋମିଟର ଦୂରକୁ କାହିଁକି ଯାଉଥାନ୍ତେ ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବୁଦ୍ଧିଜୀବୀ ରାଜନଗରର ଜଗନ୍ନାଥ ଦାସ କହିଛନ୍ତି, ପୂଜା ପରବର୍ତ୍ତୀ ସମୟରେ ବ୍ଲକ ଅଞ୍ଚଳରୁ ୬୦ରୁ ଊର୍ଦ୍ଧ୍ୱ ବସ କେରଳ, ତାମିଲନାଡୁ, ସୁରଟ ଆଦି ଅଞ୍ଚଳକୁ ଯାଉଛି। ପ୍ଲାଇଉଡ୍, ସୂତାକଳ, ମାଛଚାଷ ଆଦିରେ ଏମାନେ କାର୍ଯ୍ୟ କରୁଛନ୍ତି। ଦଶମ ପରୀକ୍ଷା ପରେ କର୍ମନିଯୁକ୍ତି ପାଇଁ ଘରୁ ଗୋଡ଼ କାଢୁଥିବା ବେଳେ ଏଥିରେ ନାବାଳିକାଠାରୁ ମହିଳାଙ୍କୁ ମଧ୍ୟ ଦେଖିବାକୁ ମିଳୁଛି। ରାଜନଗର ସହିତ ମହାକାଳପଡ଼ା, ଆଳି, ପଟ୍ଟାମୁଣ୍ଡାଇ ଓ ରାଜକନିକା ବ୍ଲକ ଅଞ୍ଚଳରେ କର୍ମ ନିଯୁକ୍ତି ପାଇଁ ପ୍ରାୟ ୫୧ ପ୍ରତିଶତ ପରିବାରର ଯୁବବର୍ଗ ଜିଲା ବାହାରକୁ ଯାଉଥିବା ଏକ ବେସରକାରୀ ସଂସ୍ଥା ଆକଳନ କରିଛନ୍ତି। ବହୁ ସମୟରେ ଏମାନଙ୍କ ନିର୍ଯାତନା କାହାଣୀ ଶୁଣିବାକୁ ମିଳୁଛି। ଜିଲାରେ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପ୍ରତିଷ୍ଠା ହେଲେ ଏହାର ସମାଧାନ ହୋଇପାରିବ। ସେହିପରି ପ୍ରାକୃତିକ ବିପର୍ଯ୍ୟୟ ସହଣି ଅର୍ଥକରୀ ଚାଷ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ସ୍ୱାବଲମ୍ବୀ କରିପାରିବ ବୋଲି ସେ ପ୍ରକାଶ କରିଛନ୍ତି।


ପ୍ରବାସୀଙ୍କୁ ନେବାକୁ ଆସିଥିବା ବସ୍ (ଫାଇଲ ଫଟୋ)

# ବିଡିଓଙ୍କ କାର୍ଯ୍ୟାଳୟରେ ଚେୟାର, ଟେବୁଲକୁ ଯୁବକଙ୍କ ଗୋଇଠା ମାଡ଼

ପଟ୍ଟାମୁଣ୍ଡାଇ, ୫।୧୧ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତିର ବିଡିଓଙ୍କ କାର୍ଯ୍ୟାଳୟରେ ଜଣେ ଯୁବକ ଗୁଣ୍ଡାଗିରି କରିଛନ୍ତି। ସେ ବିଡିଓଙ୍କ ଟେବୁଲକୁ ଗୋଇଠା ମାରିବା ସହ ଚୌକି ଫୋପାଡ଼ି ଖରାପ ଭାଷାରେ ଗାଳିଗୁଲଜ କରିଛନ୍ତି। ଏ ନେଇ ବିଡିଓ ଶୁଭ୍ରାଂଶୁ ସାହୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣା ସିସିଟିଭି କ୍ୟାମେରାରେ କଏଦ ହୋଇଥିବା ନେଇ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

ବିଡିଓ ସାହୁଙ୍କ ଅଭିଯୋଗ ଅନୁଯାୟୀ, ପଟ୍ଟାମୁଣ୍ଡାଇ ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ସରକାରୀ କାର୍ଯ୍ୟ କରୁଥିଲି। ପୂର୍ବାହ୍ନ ୧୧ଟାରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧୀନ ବଡ଼ପଡ଼ା ପଞ୍ଚାୟତ ମୂଳଗାଇଁ ଗ୍ରାମର ଜ୍ୟୋତି ପ୍ରକାଶ ପ୍ରଧାନ ହଠାତ କାର୍ଯ୍ୟାଳୟ ଭିତରକୁ ପ୍ରବେଶ କରି ବିଭିନ୍ନ ଖରାପ ଭାଷାରେ ଗାଳିଗୁଲଜ କରିଥିଲେ। ପାଖରେ ଥିବା ଅନ୍ୟମାନେ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସେ ଉତ୍ତ୍ୟକ୍ତ ହୋଇ ଟେବୁଲକୁ ଗୋଇଠା ମାରିବା ସହ ଚେୟାରକୁ ଫୋପଡ଼ାଫିଙ୍ଗା କରିଥିଲେ। ତୁ ତା ବ୍ୟବହାର କରି ବିଭିନ୍ନ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ ବୋଲି ବିଡିଓ ଅଭିଯୋଗରେ ଦର୍ଶାଇଛନ୍ତି। ଏଥିସହ ବିଭିନ୍ନ ସାମାଜିକ ଗଣମାଧ୍ୟମ ହ୍ୱାଟ୍ସଆପ୍‌ରେ ବିଡିଓଙ୍କୁ ଆକ୍ଷେପ କରି ଅକଥନୀୟ ଭାଷାରେ ପୋଷ୍ଟ କରାଯିବା ସ୍କିନଶଟ ଅଛି। ଏଥିରେ ତାଙ୍କର ସମ୍ମାନ ହାନି ହୋଇଥିବା ସେ ଏତଲାରେ ଦର୍ଶାଇଛନ୍ତି।

୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଜ୍ୟୋତି ପ୍ରକାଶ ୧୭ ଜୋନ ଭାଜପା ଜିଲାପରିଷଦ ସଭ୍ୟ ଭାବେ ନିର୍ବାଚନ ଲଢୁଥିଲେ। ଏ ବାବଦରେ ଜ୍ୟୋତି ପ୍ରକାଶଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରିଥିଲେ ମଧ୍ୟ ତାଙ୍କ ମୋବାଇଲ ଫୋନ ନଂ. ୭୯୭୮୫୪୬୧୮୨ ସୁଇଜ ଅଫ ଥିଲା। ଏ ନେଇ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ସୁଶାନ୍ତ ସାହୁଙ୍କୁ ପଚାରିବାରେ ବିଡିଓଙ୍କ ଏତଲା ଅନୁଯାୟୀ ଭାରତୀୟ ନ୍ୟାୟ ସଂହିତା ଆଧାରରେ ନଂ. ୩୨୭/୨୦୨୪ରେ ମାମଲା ରୁଜୁ କରାଯାଇ ଘଟଣା ସମ୍ପର୍କରେ ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି।

# ବାର୍‌ହାକୁ ଫାଶରେ ମାରି ଶିକାରୀ ଫେରାର

ମହାକାଳପଡ଼ା, ୫।୧୧ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

**ମୃତ ବାର୍‌ହା ଜବତ କଲା ବନ ବିଭାଗ**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବନାଞ୍ଚଳ ଅଧୀନ ବିଭିନ୍ନ ନଦୀ କୂଳିଆ ଚାଷ ଜମିରେ ବାର୍‌ହା ପଶି ଧାନ ଥୋଡ଼ ବାହାରିବା ସମୟରେ ନଷ୍ଟ କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ସେହିପରି ବ୍ଲକ ଅଧୀନ ବିଜୟନଗର ପଞ୍ଚାୟତ ଯୋରି ପାର୍ଶ୍ୱ ବାଡ଼ି ପଛରେ ଏକ ବାର୍‌ହାକୁ କେତେଜଣ ଅଭ୍ୟାସଗତ ଶିକାରୀ ଫାଶ ବସାଇ ଧରିଥିଲେ। ମଙ୍ଗଳବାର ସକାଳେ କେତେଜଣ ଶିକାରୀ ବାର୍‌ହା ଶିକାର କରି କାଟି ଭାଗ ବଣ୍ଟା ପାଇଁ ଯୋଜନା କରୁଥିବାବେଳେ କୌଣସି ସୂତ୍ରରୁ ଖବରପାଇ ଘଟଣାସ୍ଥଳରେ ଜଗରିଜୋର ବିଟ ହାଉସ ବନ ବିଭାଗ କର୍ମଚାରୀ ପହଞ୍ଚିଥିଲେ। ବନ ବିଭାଗ କର୍ମଚାରୀଙ୍କୁ ଦେଖି ଶିକାରୀମାନେ ଫେରାର ହୋଇଯାଇଥିଲେ। କର୍ମଚାରୀମାନେ ମୃତ ବାର୍‌ହା ଓ ଚାପଡ଼ ଜବତ କରିଛନ୍ତି। ମହାକାଳପଡ଼ା ପ୍ରାଣୀ ଚିକିତ୍ସକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତ ବାର୍‌ହାକୁ ବ୍ୟବଚ୍ଛେଦ କରିଛନ୍ତି। ପରେ ମୃତଦେହକୁ ମାଟି ଖୋଳି ପୋତା ଯାଇଛି ବୋଲି ଫରେଷ୍ଟର୍ ରୋଜାଲିନ ଦାସ କହିଛନ୍ତି। ରିପୋର୍ଟ ଆସିବା ପରେ ମୃତ୍ୟୁ ସମ୍ପର୍କରେ କୁହାଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ବିଜୟନଗର, ଦେଉଳପଡ଼ା , କେବି ଦାଣ୍ଡିଆ, ନାଞ୍ଜୁରା, ଜମ୍ବୁ, ସୁନିତି, ବଟିଘର , ଖରିନାସୀ, ରମନଗର ପଞ୍ଚାୟତ ସମେତ ବିଭିନ୍ନ ଜଙ୍ଗଲ ପାର୍ଶ୍ୱ ଗ୍ରାମରେ ବାର୍‌ହା ଧାନ ଫସଲ ନଷ୍ଟ କରୁଥିବା ଯୋଗୁ ଚାଷୀମାନେ ଅଭିଯୋଗ କରିଛନ୍ତି।

# ଭିତରକନିକାର ଶୋଭା ଉପଭୋଗକଲେ ପଞ୍ଚାୟତିରାଜ ମନ୍ତ୍ରୀ

ରାଜନଗର, ୫।୧୧ (ଭାସ୍କର ରାଉତରାୟ)

ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ଭିତରକନିକା ଜାତୀୟ ଉଦ୍ୟାନର ଶୋଭା ଉପଭୋଗ କରିଛନ୍ତି। ସୋମବାର କେନ୍ଦ୍ରାପଡ଼ାରେ ବିଭିନ୍ନ କାର୍ଯ୍ୟକ୍ରମ ସାରିବା ପରେ ମନ୍ତ୍ରୀ ଭିତରକନିକାର ଡାଙ୍ଗମାଳଠାରେ ପହଞ୍ଚିଥିଲେ। ଫରେଷ୍ଟ ରେଷ୍ଟ ହାଉସରେ ରାତ୍ରିଯାପନ କରିଥିଲେ। ମଙ୍ଗଳବାର ସକାଳେ ବୋଟ ଯୋଗେ ଡାଙ୍ଗମାଳରୁ ଖୋଳା ମାଉଥ୍ ଯାଏ ଭିତରକନିକାର ପ୍ରାକୃତିକ ଶୋଭା ଉପଭୋଗ କରିଥିଲେ। ଜଳପଥରେ ଭିତରକନିକା ପରିଭ୍ରମଣ ବେଳେ ବଉଳା କୁମ୍ଭୀର ଖରା ପୋଇଁବାର ଦୃଶ୍ୟ ଉପଭୋଗ କରିଥିଲେ। ଲୁଣା ଜଙ୍ଗଲ, ଦେଶ ବିଦେଶର ପକ୍ଷୀ ଓ ଶହ ଶହ ସଂଖ୍ୟାରେ ହରିଣଙ୍କୁ ଦେଖି ବିମୋହିତ ହୋଇଥିଲେ। ପଞ୍ଚାୟତିରାଜ ମନ୍ତ୍ରୀଙ୍କ ସହିତ ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ରାଜନଗର ନିର୍ବାଚନମଣ୍ଡଳୀର ଭାଜପା ନେତା ଲଳିତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


ମନ୍ତ୍ରୀ ରବିନାରାୟଣ ନାଏକ ଭିତରକନିକା ବୁଲୁଥିବା ସାଙ୍ଗରେ ଅନ୍ୟମାନେ।

# ଆଳି ଖବରଦାତା ଭଗବାନଙ୍କ ପରଲୋକ

ଆଳି, ୫।୧୧ (ବନମାଳୀ ସେନାପତି)



ଆଳି ବ୍ଲକର ଖବରଦାତା ଭଗବାନ ନାୟକ(୫୭)ଙ୍କର ସୋମବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ନାୟକଙ୍କ ଅକାଳ ବିୟୋଗ ଆଳି ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ସେ କିଛିଦିନ ହେବ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଚିକିତ୍ସାଧୀନ ଥିଲେ। ମଙ୍ଗଳବାର ସକାଳେ ତାଙ୍କ ମୃତଦେହ ଆଳିରେ ପହଞ୍ଚିବା ପରେ ନିଆଳ ହାଟ ଛକରେ ଆଳିର କାର୍ଯ୍ୟରତ ଖବରଦାତାମାନେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରେ ବାଇକ୍ ଶୋଭାଯାତ୍ରାରେ ନାୟକଙ୍କ ମୃତଦେହକୁ ଆଳି ବଜାର ପରିକ୍ରମା କରାଇ ନିଆଳ ଗ୍ରାମ ଦେଇ ବଡ଼ାମ୍ବିଳା ପଞ୍ଚାୟତର ବେତାସ୍ଥିତ ତାଙ୍କ ବାସଭବନକୁ ନେଇଥିଲେ। ଖବରପାଇ ଆଳି ବିଧାୟକ ପ୍ରତାପ କେଶରୀ ଦେବ, ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ଭାଜପା ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପଣ୍ଡା, ଜିଲା ପରିଷଦ ଭୀଷ୍ମ ମହାନ୍ତି, ଜୟଦେବ ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ସରପଞ୍ଚ ବିଜୟ ମହୀ, ସନାତନ ସାହୁ, ସୁବ୍ରତ ନାୟକ, ପୂର୍ବତନ ସରପଞ୍ଚ ପୁରୁଷୋତ୍ତମ ପଲାଇ, ସୁବ୍ରତ ବେହୁରାଙ୍କ ସମେତ ବହୁ ବ୍ୟକ୍ତି ତାଙ୍କ ବାସଭବନରେ ଶେଷ ଦର୍ଶନ ଲାଗି ପହଞ୍ଚିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପୁଅ ଶୁଭମ ମୁଖାଗ୍ନି ଦେଇଥିଲେ। ନାୟକ ଆଳି ଅଞ୍ଚଳରେ ଜଣେ ପରୋପକାରୀ ବ୍ୟକ୍ତିଭାବେ ପରିଚିତ ଥିଲେ। ସେ ତାଙ୍କ ସାମ୍ବାଦିକତା ଜୀବନରେ ଗରିବ, ଅସହାୟ, ନିଷ୍ପେଷିତ ଲୋକଙ୍କ ପାଇଁ କଲମ ଚାଳନା କରୁଥିଲେ। ଛାତ୍ର ଅବସ୍ଥାରେ ସେ ଆଳି ମହାବିଦ୍ୟାଳୟରେ ଛାତ୍ର ସଂସଦ ସଭାପତି ଭାବେ କାର୍ଯ୍ୟ କରିଥିବା ବେଳେ ବଡ଼ାମ୍ବିଳା ପଞ୍ଚାୟତର ସମିତିସଭ୍ୟ ଭାବେ ମଧ୍ୟ ଦାୟିତ୍ୱ ତୁଲାଇଥିଲେ।

# କନିଷ୍ଠ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଆଳି, ୫।୧୧ (ବନମାଳୀ ସେନାପତି )

ଆଳି ବ୍ଲକ ପ୍ରାଥମିକ ଶିକ୍ଷକ ଭବନ ପରିସରରେ ମଙ୍ଗଳବାର ବ୍ଲକ କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଆଳି ବ୍ଲକରେ ନବନିଯୁକ୍ତ ୧୨୮ ଜଣ କନିଷ୍ଠ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଫୁଲ ଚନ୍ଦନ ଓ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରାଯାଇଛି। କନିଷ୍ଠ ଶିକ୍ଷକ ସଂଘର ସଭାପତି ଅମର ଯତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପ୍ରମୋଦ ମଲ୍ଲିକ, ମୁଖ୍ୟ ବକ୍ତା ଭାବେ କନିଷ୍ଠ ଶିକ୍ଷକ ସଂଘର ମୁଖ୍ୟ ଉପଦେଷ୍ଟା ତଥା ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ରତିକାନ୍ତ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ସେମାନେ କହିଥିଲେ, ବ୍ଲକରେ ଥିବା ଶିକ୍ଷକ ସମସ୍ୟା ସାମାନ୍ୟ ସମାଧାନ ହୋଇଥିବା ବେଳେ ଯେଉଁମାନେ ନୂତନ ଭାବେ ନିଯୁକ୍ତି ପାଇଛନ୍ତି ସେମାନଙ୍କୁ ବରିଷ୍ଠ ଶିକ୍ଷକମାନେ କିଛି ଗୁରୁମନ୍ତ୍ର ଦେଇଛନ୍ତି। ଫଳରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଚଳଚଞ୍ଚଳ ହୋଇ ଉଠିବ ବୋଲି ପ୍ରକାଶ କରିଛନ୍ତି। ସମ୍ମାନିତ ଅତିଥି ଭାବେ କନିଷ୍ଠ ଶିକ୍ଷକ ସଂଘର ସମ୍ପାଦକ ଜ୍ଞାନେନ୍ଦ୍ର ପ୍ରସାଦ ଆଚାର୍ଯ୍ୟ, ଉପସଭାପତି ତୁଳସୀ ଦାସ, ସହସମ୍ପାଦକ ରତ୍ନପର୍ଣ୍ଣା ପାତ୍ର, କୋଷାଧ୍ୟକ୍ଷ ଶିବ ପ୍ରସାଦ ବେହେରା, କାର୍ଯ୍ୟକାରୀ ସଭାପତି କିଶୋର କୁମାର ବେହେରା, ଗଣମାଧ୍ୟମ ସଂଯୋଜକ ବୁବୁଲ ରଥ, ସଂଘର ଅନ୍ୟ ସକ୍ରିୟ କର୍ମକର୍ତ୍ତାଙ୍କ ମଧ୍ୟରେ ମିନାକ୍ଷୀ ସାହୁ, ସ୍ମୃତିପ୍ରଜ୍ଞା ସ୍ୱାଇଁ, ଦୁର୍ଗେସ ନନ୍ଦିନୀ ପାଟାଲ ଉପସ୍ଥିତ ଥିଲେ।


ଆଳିରେ ଅତିଥିଙ୍କ ଗହଣରେ ନବ ନିଯୁକ୍ତ କନିଷ୍ଠ ଶିକ୍ଷୟିତ୍ରୀ ଶିକ୍ଷକମାନେ।

# ପେଗରପଡ଼ା ନୋଡାଲ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ


ସ୍ମରଣିକା ସୁବର୍ଣ୍ଣ ସ୍ମୃତିକୁ ବିଧାୟକ ପ୍ରତାପ କେଶରୀ ଦେବ ଓ ଅନ୍ୟମାନେ ଉନ୍ମୋଚନ କରୁଛନ୍ତି।

ରାଜକନିକା, ୫।୧୧ (ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ପେଗରପଡ଼ା ନୋଡାଲ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ସୁବର୍ଣ୍ଣ ଜୟନ୍ତୀ କମିଟିର ସଭାପତି ଧୀରେନ୍ଦ୍ର କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରତାପ କେଶରୀ ଦେବ ଯୋଗଦେଇ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସେ କହିଥିଲେ, ପାଠ ପଢ଼ି ଚାକିରି ପଛରେ ନ ପଡ଼ି ସ୍ୱାବଲମ୍ବୀ ହେବାକୁ ଯୁବବର୍ଗଙ୍କୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ଚାନ୍ଦବାଲି କଲେଜରେ ପୂର୍ବତନ ଅଧ୍ୟକ୍ଷ ନିମାଇଁ ଚରଣ ପଟ୍ଟନାୟକ, ଓଳାଭର କଲେଜର ପୂର୍ବତନ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ମିଶ୍ର, ପୂର୍ବତନ ଅଧ୍ୟକ୍ଷ ଓ କବି ନିରଞ୍ଜନ ବେହୁରିଆ ପ୍ରମୁଖ ଯୋଗଦେଇ ବିଦ୍ୟାଳୟରର ପ୍ରତିଷ୍ଠାତା ଓ ଶିକ୍ଷକମାନଙ୍କ ଉଦ୍ଦେଶ୍ୟରେ ମତବ୍ୟକ୍ତ କରିବା ସହ ସେ ବେଳର ଗୁରୁ-ଶିଷ୍ୟ ଓ ଆଜିର ଗୁରୁ-ଶିଷ୍ୟ ପରମ୍ପରାର ତାରତମ୍ୟ ଉପରେ ଆଲୋକପାତ କରିଥିଲେ। ଏହି ପ୍ରରିପ୍ରେକ୍ଷୀରେ କମିଟି ପକ୍ଷରୁ ସ୍ମରଣିକା 'ସୁବର୍ଣ୍ଣ ସ୍ମୃତି'କୁ ଅତିଥିମାନେ ଉନ୍ମୋଚନ କରି ପୂର୍ବତନ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କମିଟିର ସମ୍ପାଦକ ଅଭିମନ୍ୟୁ ଶତପଥୀ ବିବରଣୀ ପାଠ କରିଥିଲେ। ଗୁରୁ ଦେବାଶିଷ ସାମଲଙ୍କ ତତ୍ତ୍ୱାବଧାନରେ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଗୋଦାବରିଶ ଶତପଥୀ ଧନ୍ୟବାଦ ଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପର୍ଶୁରାମ ସାହୁ, କୈଳାସ ଦାସ, ଉମେଶ ସାହୁ, ରତ୍ନାକର ଦାସ, ଅଲେଖ ଦାସ, ଆମର ନାୟକ, ସତ୍ୟନାରାୟଣ ବାରିକ, ନିମାଇଁ ମଲିକ, ଶଙ୍କର୍ଷଣ ଦାସ, ତପସ୍ୱିନୀ ବିନ୍ଧାଣୀ ଓ ସୌରଭ ସାହୁଙ୍କ ସମେତ ସୁବର୍ଣ୍ଣ ଜୟନ୍ତୀ କମିଟିର ସମସ୍ତ କର୍ମକର୍ତ୍ତା ଓ ସଭ୍ୟାସଭ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୧୧୮ କନିଷ୍ଠ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସ୍ୱାଗତ

ରାଜନଗର, ୫।୧୧ (ଭାସ୍କର ରାଉତରାୟ)

ରାଜନଗର ବ୍ଲକରେ ନୂତନ ଭାବେ ନିଯୁକ୍ତି ପାଇଥିବା ୧୧୮ଜଣ କନିଷ୍ଠ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ମଙ୍ଗଳବାର ରାଜନଗର ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ରାଜନଗରସ୍ଥିତ ସରକାରୀ ଶୈଳେନ୍ଦ୍ର ନାରାୟଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏହି ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଚିତ୍ତରଞ୍ଜନ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସିଆର୍‌ସିସି ମଧୁସୂଦନ ସାହୁ, ଅମୀୟ ରାଉତ, ତ୍ରୈଲୋଚନ ଦାସ, ମୁକୁଳେନ୍ଦୁ ଘଡେଇ, ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସେଠୀ, ବ୍ଲକ ଶିକ୍ଷା ବିଭାଗ କାର୍ଯ୍ୟାଳୟରେ ଦେବାଶିଷ ସେନାପତି, ସ୍ମୃତି ରଞ୍ଜନ ନାୟକ, ବିଷ୍ଣୁ ଚନ୍ଦ୍ର ମହାଲା ପ୍ରମୁଖ ଯୋଗଦେଇ ନୂତନ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ସ୍ୱାଗତ କରିବା ସହ ଗୁଣାତ୍ମକ ଶିକ୍ଷାଦାନ କରିବାକୁ ପରାମର୍ଶ ଦେଇଥିଲେ।


ବିଭିନ୍ନ ସ୍କୁଲରେ ଯୋଗ ଦେଇଥିବା ନବ ନିଯୁକ୍ତ କନିଷ୍ଠ ଶିକ୍ଷୟିତ୍ରୀଶିକ୍ଷକ।

# ଗରଦପୁର ବ୍ଲକ୍ ବିଜେଡି ଶାଖା ପକ୍ଷରୁ ସଭ୍ୟ ସଂଗ୍ରହ ଅଭିଯାନ

ପାଟକୁରା, ୫।୧୧ (ରବୀନ୍ଦ୍ରନାଥ ବାରିକ)

ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ନେତୃତ୍ୱରେ ମଙ୍ଗଳବାର ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି। ବିଧାୟକଙ୍କ ତଳକୁସୁମା ଆବାସିକ କାର୍ଯ୍ୟାଳୟଠାରେ ଅପରାହ୍ନରେ ଗରଦପୁର ବ୍ଲକର ଛାମୁଆ କର୍ମୀମାନେ ବିଜେଡିର ୨୦୨୪-୨୫ ପାଇଁ ପ୍ରାଥମିକ ସଭ୍ୟ ପଦ ଗ୍ରହଣ କରିଥିଲେ। ସଭ୍ୟ ସଂଗ୍ରହ ଅଭିଯାନ ନଭେମ୍ବର ୩୦ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ବିଧାୟକ ମହାପାତ୍ର ସୂଚନା ଦେଇଛନ୍ତି। ଏଣୁ ଦଳର ସମସ୍ତ ସକ୍ରିୟ ସଭ୍ୟମାନେ ପଞ୍ଚାୟତସ୍ତରରେ ସଭ୍ୟ ସଂଗ୍ରହ ଅଭିଯାନକୁ ତ୍ୱରାନ୍ୱିତ କରିବାକୁ ବିଧାୟକ ଅନୁରୋଧ କରିଥିଲେ। ବ୍ଲକର ୧୮ଟି ପଞ୍ଚାୟତରୁ ୨୦୦ଜଣ କର୍ମୀ ଦଳର ପ୍ରାଥମିକ ସଦସ୍ୟ ହୋଇଥିଲେ।


ସଭ୍ୟ ସଂଗ୍ରହ ଅଭିଯାନରେ ବିଧାୟକ ଅରବିନ୍ଦ ମହାପାତ୍ର ଓ ଅନ୍ୟମନେ।

# ଆଳି ଧୋୟାଞ୍ଚଳରେ ଦମକଳ କେନ୍ଦ୍ର ସ୍ଥାପନ ଦାବି

ଆଳି, ୫।୧୧ (ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ସଦର ମହକୁମାଠାରୁ ୨୫ କି.ମି. ଦୂରରେ ଅବସ୍ଥିତ ଆଳି ଧୋୟାଞ୍ଚଳ। ଆଳି ବ୍ଲକର ଡିମିରିପାଳ, ଅରଗଳ, ଜୁଆଣିଆ, ଗୋବିନ୍ଦପୁର, ଦେସାହି, କେତୁଆପାଳ, ଏରଡଙ୍ଗ, ପାଳିମି, ସଂସିଧା, ପେତପଡ଼ା ଆଦି ୧୦ଟି ପଞ୍ଚାୟତକୁ ନେଇ ଗଠିତ ଆଳି ଧୋୟାଞ୍ଚଳ। ଧୋୟାଞ୍ଚଳର ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ବସବାସ କରୁଥିବା ବେଳେ ସରକାରୀ ଓ ବେସରକାରୀ କାର୍ଯ୍ୟ ନିମନ୍ତେ ଦୈନିକ ଆଳିକୁ ଆସିଥାନ୍ତି। ବ୍ଲକ ସଦର ମହକୁମାଠାରୁ ୨୫ କି.ମି. ଦୂରରେ ଅବସ୍ଥିତ ଏହି ପଞ୍ଚାୟତଗୁଡ଼ିକ ବନ୍ୟାଞ୍ଚଳ ଭାବେ ପରିଚିତ। ଅଞ୍ଚଳର ଅଧିବାସୀମାନେ ବିଭିନ୍ନ ସମୟରେ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥାନ୍ତି। ଘରପୋଡ଼ି ହେଉ କିମ୍ବା ନଦୀ ବୁଡ଼ି ଘଟଣା ସବୁଥିରେ ସେମାନେ ଦମକଳ ବାହିନୀ ଉପରେ ନିର୍ଭର କରିଥାନ୍ତି। ମାତ୍ର ଅଞ୍ଚଳରେ ଘଟୁଥିବା ଦୁର୍ଘଟଣା ସମୟରେ ୨୦ କି.ମି. ଦୂରରେ ଥିବା ଯାଜପୁର ଜିଲା ବିଞ୍ଝାରପୁର ଦମକଳ କେନ୍ଦ୍ର କିମ୍ବା ୨୫ କି.ମି. ଦୂରରେ ଥିବା ଆଳି ଦମକଳ କେନ୍ଦ୍ରରୁ ଗାଡ଼ି ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଘର ଜଳି ପାଉଁଶ ହୋଇଯାଉଛି। ଯାହାର ଏକ ଜ୍ୱଳନ୍ତ ଉଦାହରଣ ଭାବେ ରବିବାର ଏରଡ଼ଙ୍ଗ ପଞ୍ଚାୟତ ନାଟରା ଗ୍ରାମରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡକୁ ଲକ୍ଷ୍ୟ କଲେ ସ୍ପଷ୍ଟ ଜଣାପଡ଼େ। ନାଟରା ଗ୍ରାମର ସମୀର ଦାସଙ୍କ ଘରେ ଗ୍ୟାସ ଟାଙ୍କି ଫାଟି ନିଆଁ ଲାଗିଥିବା ବେଳେ ଗ୍ରାମବାସୀ ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ଦମକଳ ନିଆଁ ଲିଭିବା ପରେ ପହଞ୍ଚି ଥିଲା। ମାନପୁରଠାରୁ ଗୋବିନ୍ଦପୁର ପର୍ଯ୍ୟନ୍ତ ପ୍ରାୟ ୧୧ କି.ମି. ରାସ୍ତା ଶହଶହ ଖାଲଖମାରେ ଭର୍ତ୍ତି ହୋଇଥିବାରୁ ବିଳମ୍ବରେ ଦମକଳ ପହଞ୍ଚି ଥିଲା। ହେଲେ ସେତେବେଳକୁ ସବୁକିଛି ଜଳିପୋଡ଼ି ଛାରଖାର ହୋଇଯାଇଥିଲା। ତେଣୁ ଏହି ଅଞ୍ଚଳରେ ଦମକଳ କେନ୍ଦ୍ର କରାଗଲେ ନିଶ୍ଚିତ ଭାବେ ଧୋୟାଞ୍ଚଳବାସୀ ଉପକୃତ ହୋଇପାରିବେ ବୋଲି ଦାବି ହୋଇଛି। ତେଣୁ ଧୋୟାଞ୍ଚଳରେ ଏକ ଦମକଳ କେନ୍ଦ୍ର ସ୍ଥାପନ ନିମନ୍ତେ ୧ ନଂ. ଜୋନ ଜିଲା ପରିଷଦ ସଭ୍ୟା କନକଲତା ବେହେରା, ଡିମିରିପାଳ ସରପଞ୍ଚ ଶିବ ସେଠୀ, ଅରଗଳ ସରପଞ୍ଚ ଦୀପ୍ତି ସାହୁ, ଜୁଆଣିଆ ସରପଞ୍ଚ ସୁବ୍ରତ ନାୟକ, ଦେସାହି ସରପଞ୍ଚ ମୋନାଲିସା ଦାସ, ଏରଡ଼ଙ୍ଗ ସରପଞ୍ଚ ଅନୁପମା ସେଠୀ, ପାଳିମି ସରପଞ୍ଚ ରଞ୍ଜିତ ସାମଲ, ସଂସିଧା ସରପଞ୍ଚ ଦୀପକ ଭୂୟାଁ, ପେତପଡ଼ା ସରପଞ୍ଚ ଅନୁପମା ପ୍ରିୟଦର୍ଶନୀ, ପୂର୍ବତନ ସରପଞ୍ଚ ପୁରୁଷୋତ୍ତମ ପଲାଇ, ମମତାରାଣୀ ଭୂୟାଁ, ନିଖିଳ ସାମଲଙ୍କ ସମେତ ସାଧାରଣ ଜନତା ଦାବି କରିଛନ୍ତି।

## ଅଧପନ୍ତରିଆ ରାସ୍ତା, ଲୋକେ ହନ୍ତସନ୍ତ

ଶେରଗଡ଼,୫ା୧୧(ସୂର୍ଯ୍ୟ ନାରାୟଣ ଦାଶ)-ଶେରଗଡ ଦେଇ ରାୟପୁରରୁ ଚେନ୍ନୁରୁ ପର୍ଯ୍ୟନ୍ତ ଯାଇଥିବା ଜାତୀୟ ରାଜପଥ କାମ ଆରମ୍ଭ ହୋଇ ଏଯାଏ ନିର୍ମାଣ କାର୍ଯ୍ୟ ଶେଷ ହୋଇନି। ଢଉଗାଁରୁ ଦିଗପହଣ୍ଡି ପର୍ଯ୍ୟନ୍ତ ହେଉଥିବା ରାସ୍ତା କାମ ଅଧାପନ୍ତରିଆ ହୋଇ ପଡିଛି। ଫଳରେ ଏହି ରାସ୍ତାରେ ଯାତାୟାତ କରୁଥିବା ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ରାସ୍ତା ଅବସ୍ଥା ଅତି ଖରାପ ହୋଇଯାଇଥିବାରୁ ବିଭିନ୍ନ ସମୟରେ ଛୋଟବଡ ଦୁର୍ଘଟଣାମାନ ଘଟୁଛି।

**ସଂକ୍ଷେପରେ**

## ଥାନା ଆଗରେ କ୍ଷୀର ବ୍ୟବସାୟୀଙ୍କୁ ଆକ୍ରମଣ

ଭଞ୍ଜନଗର,୫ା୧୧(ବାବୁଲା ପ୍ରଧାନ)

ଭଞ୍ଜନଗର ଥାନା ସମ୍ମୁଖରେ ମଙ୍ଗଳବାର ଜଣେ କ୍ଷୀର ବ୍ୟବସାୟୀଙ୍କୁ ଆକ୍ରମଣ ହୋଇଛି। ସେ ହେଲେ ଢୁଢୁଆର ବିପ୍ର ଗୌଡ। ଅଭିଯୁକ୍ତ ଗାଲେରିର ବିଦୁର ଗୌଡଙ୍କୁ ପୋଲିସ ଗିରଫ କରିଛି। ତାଙ୍କଠାରୁ ଏକ କାତି ଜବତ ହୋଇଛି। ବିପ୍ର ବୁଲି ବୁଲି କ୍ଷୀର ବିକ୍ରି କରିବା ପରେ ଥାନା ସମ୍ମୁଖରେ ଜଣଙ୍କ ସହ କଥା ହେଉଥିଲେ। ଏହି ସମୟରେ ବିଦୁର ଆସି ତାଙ୍କୁ ଗୋଟିଏ ଗାଈ କିଣାଇ ଦେବାକୁ କହିଥିଲେ। ପରେ ସେ ଏକ କାତି ବାହାର କରି ବିପ୍ରଙ୍କୁ ଆକ୍ରମଣ କରିଥିଲେ। ସେଠାରେ ଥିବା ଲୋକେ ପାଟି କରିବାରୁ ସେ ପାଖରେ ଥିବା ଥାନା ଭିତରକୁ ଦୌଡ଼ି ପଳାଇଥିଲେ। ପରେ ପୋଲିସ ବିଦୁରଙ୍କୁ କାବୁ କରିଥିଲା।

## ବିଚାରପତିଙ୍କୁ ବିଦାୟ ସମ୍ବର୍ଦ୍ଧନା

କାଶୀନଗର ୫ା୧୧ (ଟି. କ୍ରିଷ୍ଣା ରାଓ)

ଗଜପତି ଜିଲା କାଶୀନଗର ବାର୍ ଆସୋସିଏଶନ ଓ କୋର୍ଟ କର୍ମଚାରୀଙ୍କ ପକ୍ଷରୁ ଗ୍ରାମୀଣ ନ୍ୟାୟାଧୀଶ ଅଙ୍କିତା ଗୁରୁଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଆଇନଜୀବୀ ଶ୍ରୀରାମୁଲ, ଲକ୍ଷ୍ମୀପ୍ରସାଦ,ସୁଜିତ ପଣ୍ଡା, ଶିଶିର ଜେନା, ଆର. ଶ୍ରୀନିବାସ ରାଓ କାର୍ଯ୍ୟକ୍ରମରେ ଯୋଗଦେଇ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ୨୦୨୨ରୁ ଏଠାରେ କାର୍ଯ୍ୟରତ ଥିବା ସୁଶ୍ରୀ ଗୁରୁଙ୍କୁ ଦେବଗଡ଼ ଜିଲାକୁ ବଦଳି ହୋଇଛି ।

## ଆମରଣ ଅନଶନ ସ୍ଥଗିତ

**ବିଦ୍ୟାଳୟ ଅବ୍ୟବସ୍ଥା ଆଲୋଚନା କଲେ ତହସିଲଦାର**

ଟିକିଟି,୫ା୧୧(ପ୍ରକାଶ ଚନ୍ଦ୍ର ସାହୁ)

ଟିକିଟି ବ୍ଲକ ନୂଆପଡା ଗ୍ରାମରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟରେ ଦୀର୍ଘବର୍ଷ ଧରି ଲାଗି ରହିଥିବା ବିଭିନ୍ନ ଅବ୍ୟବସ୍ଥାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନ ନେଲେ ଗ୍ରାମର ସାମାଜିକ କର୍ମୀ ହୃଷିକେଶ ନାୟକ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଥିଲେ। ବୁଧବାର ସେ ଅନଶନ କରିବାକୁ ଥିବା ବେଳେ ମଙ୍ଗଳବାର ସନ୍ଧ୍ୟାରେ ଟିକିଟି ତହସିଲଦାର ବିଶ୍ୱରଞ୍ଜନ କହଁର ସରକାରୀ ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ପ୍ରଧାନ ଶିକ୍ଷକ ଏବଂ ଗ୍ରାମର କିଛି ମୁଖିଆଙ୍କ ସହ ମିଶି ଆଲୋଚନା କରିଛନ୍ତି। ୧୫ ଦିନ ମଧ୍ୟରେ ଅଭିଯୋଗଗୁଡିକର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ମିଳିବାରୁ ହୃଷୀକେଶ ଆମରଣ ଅନଶନ ସ୍ଥଗିତ ରଖିଥିବା ଜଣାପଡିଛି।

## ବେଆଇନ ବାଲି ଟ୍ରାକ୍ଟର ଜବତ

ହିଞ୍ଜିଳିକାଟୁ, ୫ା୧୧ (ଦ୍ୱିତୀକୃଷ୍ଣ ପଣ୍ଡା):

ଗଞ୍ଜାମ ଜିଲାର ବିଭିନ୍ନ ନଦୀରୁ ବେଆଇନ ଭାବେ ପ୍ରତ୍ୟେହ ହାଇୱା, ଟିପ୍ପର ଓ ଟ୍ରାକ୍ଟର ଯୋଗେ ବାଲି ଚୋରାଚାଲାଣ ହେଉଛି । ବାଲି ମାଫିଆମାନେ ପ୍ରଶାସନ ଆଖିରେ ଧୂଳି ଦେଇ ରାତିରେ ଏହି ବାଲି ଚୋରାଚାଲାଣ କରୁଥିବା ଅଭିଯୋଗ ହୋଇ ଆସୁଥିଲା। ମଙ୍ଗଳବାର ହିଞ୍ଜିଳି ଥାନା ତହଁର ନିକଟସ୍ଥ ଋଷିକୂଲ୍ୟା ନଦୀରୁ ବେଆଇନ ଭାବେ ବାଲି ବୋଝେଇ କରି ଚୋରାଚାଲାଣ କରୁଥିବା ବେଳେ ହିଞ୍ଜିଳି ପୋଲିସ ଚଢାଉ କରି ଏକ ଟ୍ରାକ୍ଟର (ଓଡି୦୭ଏଇ ୧୬୦୬)କୁ ଜବତ କରିଛି। ଥାନାରେ ନଂ. ୯୧୦/୨୪ରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଅତିରିକ୍ତ ଆଇଆଇସି ପଦ୍ମଚରଣ ଭଙ୍ଗ କହିଛନ୍ତି।

# କେନାଲରେ ପାଣି ଛାଡ଼

## ଏଡିଏମ୍‌ଙ୍କୁ ଭେଟିଲେ ୩ ପଞ୍ଚାୟତ ଚାଷୀ

ଛତ୍ରପୁର, ୫ା୧୧(ଦିଲ୍ଲୀପ ସାମଲ)

ଗଞ୍ଜାମ ଜିଲା ସଦର ମହକୁମା ଛତ୍ରପୁର ବ୍ଲକରେ ଚାଷଜମିକୁ କେନାଲରେ ପାଣି ଆସୁନାହିଁ। ଚଳିତ ବର୍ଷ ଫସଲ ଭଲ ହୋଇଥିଲେ ମଧ୍ୟ ଜମିରେ ପାଣି ନ ଥିବାରୁ ଚାଷୀ କେନାଲ ଓ ବର୍ଷାକୁ ଚାହିଁ ବସିଛି। ବ୍ଲକ ଅନ୍ତର୍ଗତ ଭିକାରିପଲ୍ଲୀ, ଲକ୍ଷ୍ମୀପୁର ଚମାଖଣ୍ଡି ପଞ୍ଚାୟତ ଅଞ୍ଚଳରେ ଚାଷଜମିକୁ ପାଣି ଅଭାବ ଚାଷୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଏନେଇ ମଙ୍ଗଳବାର ଉପରୋକ୍ତ ୩ ପଞ୍ଚାୟତର ଚାଷୀ ଗଞ୍ଜାମ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇ କେନାଲରେ ତୁରନ୍ତ ପାଣି ଛାଡିବାକୁ ଦାବି କରିଛନ୍ତି। ୧୫ ଓ ୧୬ନଂ କେନାଲରେ ପାଣି ନ ଆସିବାରୁ ଚାଷୀମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଦୁଇ କେନାଲ ଆସନ୍ତା ୭ ଦିନ ପାଇଁ ପାଣି ଛାଡିଲେ ସେମାନଙ୍କ ଧାନ ଫସଲ ବଞ୍ଚିଯିବ ବୋଲି ଅତିରିକ୍ତ ଜିଲାପାଳ ଡ. ପ୍ରମୋଦ ପୃଷ୍ଟିଙ୍କୁ ଭେଟି ଚାଷୀ ଜଣାଇଛନ୍ତି। ଏହି ଅବସରରେ ସେମାନେ ଏକ ଦାବିପତ୍ର ମଧ୍ୟ


ଚାଷୀମାନେ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି।

ଦେଇଛନ୍ତି। ଏନେଇ ଅତିରିକ୍ତ ଜିଲାପାଳ ପୃଷ୍ଟି ଜଳସେଚନ ଏବଂ କୃଷି ବିଭାଗର ଅଧିକାରୀଙ୍କ ସହ ଫୋନ ଯୋଗେ କଥା ହୋଇଥିଲେ। ଚାଷୀଙ୍କ ହିତ ଲାଗି ଗଞ୍ଜାମ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ଡ଼କାଯାଇ କେନାଲ ପାଣି କିପରି ଛଡା ଯିବ ସେ ସମ୍ପର୍କରେ ଆଲୋଚନା ହେବ ବୋଲି ସେ ଚାଷୀମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଦାବିପତ୍ର ପ୍ରଦାନ ବେଳେ ସିପିଆଇ ଜିଲା ସହ ସମ୍ପାଦକ ନିଳକଣ୍ଠ ଦାଶ, ସିଏଚ ସତ୍ୟ ନାରାୟଣ ରେଡ୍ଡି, ପୂର୍ବତନ ସମିତିସଭ୍ୟ ମଥୁରା ଚରଣ ସୁବୁଦ୍ଧି, ମାଗୁଣି ବିଷୋୟୀ, ପୁରୁଷୋତ୍ତମ ପାତ୍ର, ଟୁକୁଲା ଷଡ଼ଙ୍ଗୀ, ଏନ. ମୁନା ପାତ୍ରଙ୍କ ସହ ବହୁ ଚାଷୀ ଉପସ୍ଥିତ ଥିଲେ।

## ଗଦାପୁର, ବ୍ରାହ୍ମଣୀଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତ

ଦାରିଙ୍ଗବାଡ଼ି, ୫ା୧୧ (ଅରୁଣ ସାହୁ)

ମାଣ୍ଡିପଙ୍କାରେ ଆମ୍ବଟାକୁଆ ଜାଉ ଖାଇ ୨ ମୃତ୍ୟୁ ଓ ୬ ଜଣ ଗୁରୁତର ହେବା ଘଟଣା ପରେ ଏବେ ଜିଲା ପ୍ରଶାସନ ବିଭିନ୍ନ ପଦକ୍ଷେପ ନେଉଛି। ସୋମବାର କନ୍ଧମାଳ ଜିଲାପାଳ ଅମ୍ରିତ ଋତୁରାଜ ସମ୍ପୃକ୍ତ ଅଞ୍ଚଳ ସମେତ ଅନ୍ୟାନ୍ୟ ଅଞ୍ଚଳ ବୁଲିବା ସହ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ଲୋକେ ଅଞ୍ଚଳର ସ୍ୱାସ୍ଥ୍ୟସେବା ସମ୍ପର୍କରେ ପ୍ରକାଶ କରି ଗଦାପୁର ଓ ବ୍ରାହ୍ମଣୀ ଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନ ଥିବା ଜିଲାପାଳଙ୍କୁ ଜଣାଇଥିଲେ। ସେଠାରୁ ଫେରି ଜିଲାପାଳ ଦାରିଙ୍ଗବାଡିରେ କାର୍ଯ୍ୟରତ ଆୟୁଷ ଡାକ୍ତର ପୂର୍ଣ୍ଣେନ୍ଦୁ ପାଢ଼ୀଙ୍କୁ ଗଦାପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ସିକର୍ମାରେ କାର୍ଯ୍ୟରତ ଡାକ୍ତର ପ୍ରଭାତ ମଲିକଙ୍କୁ ବ୍ରାହ୍ମଣୀଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି। ଡାକ୍ତର ପାଢୀ ଗଦାପୁରରେ ଓ ଡାକ୍ତର ମଲିକ ମଧ୍ୟ ବ୍ରାହ୍ମଣୀଗାଁରେ ଅନ୍ୟାଦେଶ ପର୍ଯ୍ୟନ୍ତ କାର୍ଯ୍ୟ କରିବେ। ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

# ଟିଟାନିୟମ ପ୍ଲାଣ୍ଟରେ କାର୍ଯ୍ୟବନ୍ଦ

## କର୍ମଚାରୀ, କର୍ତ୍ତୃପକ୍ଷଙ୍କ ସହ ଆଲୋଚନା

ଛତ୍ରପୁର,୫ା୧୧
(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଗଞ୍ଜାମ ଜିଲା ଛତ୍ରପୁର ନିକଟରେ ଥିବା ଦେଶର ପ୍ରଥମ ସ୍ଲାଗ ପ୍ଲାଣ୍ଟ ଟିଟାନିୟମ କମ୍ପାନୀରେ କାର୍ଯ୍ୟ ବନ୍ଦ ହୋଇଯାଇଛି। ଦୀର୍ଘବର୍ଷ ଧରି କମ୍ପାନୀ କ୍ଷତିରେ ଚାଲୁଥିବା ବେଳେ ଏବେ କର୍ତ୍ତୃପକ୍ଷ ଏହାକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ତେଣୁ ସମସ୍ତ କର୍ମଚାରୀଙ୍କୁ ଅସ୍ଥାୟୀ ଭାବେ ଛଟେଇ କରାଯାଇଛି। ସ୍ଥିତି ସୁଧାରିବା ଲାଗି ଚେଷ୍ଟା ଚାଲିଛି। ୨୦୨୫ ମାର୍ଚ୍ଚ ସୁଦ୍ଧା କମ୍ପାନୀକୁ ଅର୍ଡ଼ର ଆସିପାରେ ବୋଲି ଆଶା କରାଯାଉଥିବା ଉକ୍ତ ନୋଟିସରେ ଦର୍ଶାଯାଇଛି। ଅନ୍ୟପକ୍ଷରେ ମଙ୍ଗଳବାର ପୃଥକ ଭାବେ କମ୍ପାନୀ କର୍ତ୍ତୃପକ୍ଷ ଓ କର୍ମଚାରୀ ସଂଘ ସହ ଏ ସମ୍ପର୍କରେ ଗଞ୍ଜାମ ଜିଲାପାଳ ଆଲୋଚନା କରିଛନ୍ତି। ତୁରନ୍ତ ସମସ୍ୟାର ସମାଧାନ ପାଇଁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ୫ ମାସ ହେଲା ଟିଟାନିୟମ ପ୍ଲାଣ୍ଟରେ କାର୍ଯ୍ୟ ବନ୍ଦ ରହିଛି। ଏପରିକି ୧୭ ମାସ ହେଲା କମ୍ପାନୀକୁ କୌଣସି ଅର୍ଡର ମିଳୁନି । ଏହି କମ୍ପାନୀ ସ୍ଥାନୀୟ ଲୋକଙ୍କଠାରୁ ୨୫୦ ଏକର ଜମି ଅଧିଗ୍ରହଣ କରିଥିବା ବେଳେ ମାତ୍ର ୨୦ ଏକର ଜମିରେ କମ୍ପାନୀ ପ୍ରତିଷ୍ଠା କରିଥିଲା। କମ୍ପାନୀରେ ୪୦୦ ଲୋକଙ୍କୁ ନିଯୁକ୍ତି ଦିଆଯିବ ବୋଲି ଲୋକଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା । ତେବେ କମ୍ପାନୀ ପକ୍ଷରୁ ୨୦୦ ଲୋକଙ୍କୁ ନିଯୁକ୍ତି ଦିଆଯାଇଥିଲା । ସୂଚନାଯୋଗ୍ୟ, ୨୦୦୭ରେ ପ୍ରତି ଘରର ଜଣଙ୍କୁ ନିଯୁକ୍ତି ସର୍ତ୍ତ ରଖି ସ୍ଥାନୀୟ ଲୋକେ ସେମାନଙ୍କ ଜମି ପ୍ଲାଣ୍ଟ ପାଇଁ କମ୍ପାନୀକୁ ଇଡ଼କୋ ଜରିଆରେ ଦେଇଥିଲେ। ଉକ୍ତ ଜମିରେ ପୂର୍ବରୁ କିଆଫୁଲ ଓ ଧାନଚାଷ ହେଉଥିଲା।

# ବସ୍-ବାଇକ୍ ମୁହାଁମୁହିଁ, ଜଣେ ମୃତ

ଜଗନ୍ନାଥପ୍ରସାଦ,୫ା୧୧
(ବିଭୁ ପ୍ରସାଦ ପଟ୍ଟନାୟକ)

ଜଗନ୍ନାଥପ୍ରସାଦ ଥାନା ଅଧୀନ ଛାମୁଣ୍ଡା ବ୍ରିଜ ନିକଟରେ ମଙ୍ଗଳବାର ଏକ ଘରୋଇ ବସ ଓ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଛାମୁଣ୍ଡା ଗ୍ରାମର ମହେନ୍ଦ୍ର ପ୍ରଧାନ (୪୧)। ମହେନ୍ଦ୍ର ବାଇକ (ନଂ.ଓଡିଶା୩ୱାଇ୧୬୮୦)ରେ ଜଗନ୍ନାଥପ୍ରସାଦରୁ ନିଜ ଗ୍ରାମ ଛାମୁଣ୍ଡାକୁ ଫେରୁଥିବା ବେଳେ ବ୍ରହ୍ମପୁର ଅଭିମୁଖେ ଯାଉଥିବା ରଘୁନାଥ ନାମକ ବସ (ନଂ. ଓଡି୦୭ଏଏ୧୯୦୭) ସହ ମୁହାଁମୁହିଁ ଧକ୍କା ହୋଇଥିଲେ। ଗୁରୁତର ଅବସ୍ଥାରେ ମହେନ୍ଦ୍ରଙ୍କୁ ସ୍ଥାନୀୟ ଲୋକେ ଜଗନ୍ନାଥପ୍ରସାଦ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। କିଛି ସମୟ ଚିକିତ୍ସା ପରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟପଟେ ଦୁର୍ଘଟଣା ପରେ ସମ୍ପୃକ୍ତ ବସର ଡ୍ରାଇଭର ଥାନାରେ ଆତ୍ମସମର୍ପଣ କରିଛନ୍ତି। ଏ ନେଇ ଜଗନ୍ନାଥପ୍ରସାଦ ଥାନାରେ ନଂ. ୪୪୨/୨୪ରେ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ଉପଖଣ୍ଡ ଡାକ୍ତରଖାନାକୁ ପଠାଯାଇ ତଦନ୍ତ ଚାଲିଥିବା ପୋଲିସ କହିଛି।

# ୧୪୬ ପ୍ରକଳ୍ପ ପ୍ରଦର୍ଶନକଲେ ଛାତ୍ରୀଛାତ୍ର

## ଶୋଭନୀୟ ପବ୍ଲିକ୍ ସ୍କୁଲରେ ବିଜ୍ଞାନ ପ୍ରଦର୍ଶନୀ

ବୁଗୁଡା,୫ା୧୧(କାଳିଚରଣ ଦାଶ)

ସ୍ଥାନୀୟ ଶୋଭନୀୟ ପବ୍ଲିକ୍ ସ୍କୁଲ ପକ୍ଷରୁ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହାକୁ ପିପୁଲ୍ସ କଲେଜ ଅଧ୍ୟକ୍ଷ ହରିକୃଷ୍ଣ ନାୟକ ଉଦ୍‌ଘାଟନ କରିବା ସହ କୁନି ବିଜ୍ଞାନୀଙ୍କୁ ମାର୍ଗ ଦର୍ଶନ ପୂର୍ବକ ଉତ୍ସାହିତ କରିଥିଲେ। ବିଜ୍ଞାନ ପ୍ରଦର୍ଶନୀରେ ଉଭୟ କନିଷ୍ଠ ଓ ବରିଷ୍ଠ ବିଭାଗର ୧୪୬ଟି ପ୍ରକଳ୍ପ ଛାତ୍ରୀଛାତ୍ରମାନେ ପ୍ରଦର୍ଶନ କରିଥିଲେ। ବିଚାରକ ଭାବେ ପିପୁଲ୍ସ କଲେଜର ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ଜୟରାମ ବିଷୋୟୀ ଓ ରସାୟନ ବିଜ୍ଞାନ ଅଧ୍ୟାପକ ବିଜେନ୍ଦ୍ର ଆଚାର୍ଯ୍ୟ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ଚୟନ



କରିଥିଲେ। ସ୍କୁଲ୍ ଏମଡି ୟୁ.ଅରବିନ୍ଦ ପାତ୍ରଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ପ୍ରିନ୍ସିପାଲ ସୁକନ୍ୟା ଦାଶ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ପାତ୍ର, ଶିକ୍ଷକ ରବୀନ୍ଦ୍ର ଦାଶ ସହଯୋଗ କରିଥିଲେ।

## ଯୁବକଙ୍କୁ ଖଣ୍ଡାରେ ହାଣିବା ଘଟଣା ଜେଲଗଲେ ସରପଞ୍ଚଙ୍କ ଶ୍ୱଶୁର

ପୁରୁଷୋତ୍ତମପୁର,୫ା୧୧(ସିମାଞ୍ଚଳ ମିଶ୍ର)

ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଶିକୁଳା ଗ୍ରାମରେ ସୋମବାର ରାତିରେ ଗାଁ ଦାଣ୍ଡରେ ସୁଶାନ୍ତ ବେହେରାଙ୍କୁ ସଂଘବଦ୍ଧ ଭାବେ ଖଣ୍ଡାରେ ଆକ୍ରମଣ କରାଯାଇଥିଲା। ସେ ବ୍ରହ୍ମପୁର ବଡ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣାରେ ପୋଲିସ ଶିକୁଳା ସରପଞ୍ଚଙ୍କ ଶ୍ୱଶୁର ତ୍ରିନାଥ ବେହେରାଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ଚିକିତ୍ସା ବେଳେ ସୁଶାନ୍ତ ସରପଞ୍ଚଙ୍କ ସ୍ୱାମୀ ଦିବାକର ବେହେରାଙ୍କ ସମେତ କେତେଜଣ ବ୍ୟକ୍ତି ତାଙ୍କୁ ଆକ୍ରମଣ କରିଥିବା ପୋଲିସ ଆଗରେ କହିଥିଲେ। ସୁଶାନ୍ତଙ୍କ ସ୍ତ୍ରୀ ତନ୍ମୟା ବେହେରା ଏ ନେଇ ଥାନାରେ ଅଭିଯୋଗ ମଧ୍ୟ କରିଥିଲେ। ଶିକୁଳା ଗ୍ରାମରେ ବାରମ୍ବାର ହିଂସାକାଣ୍ଡ ଘଟିବାରେ ଲାଗିଥିବାରୁ ପୁରୁଷୋତ୍ତମପୁର ଏସଡିପିଓ ରଜନୀକାନ୍ତ ସାମଲ ଘଟଣାକୁ ଗୁରୁତ୍ୱର ସହ ନେଇ ଅଭିଯୁକ୍ତମାନଙ୍କୁ ଧରିବାଲାଗି ୨ଟି ସ୍ୱତନ୍ତ୍ର ଟିମ ଗଠନ କରି ନିଜେ ଏହାର ମନିଟରିଂ କରୁଛନ୍ତି। ଏପରିକି ତଦନ୍ତ ବେଳେ ସରପଞ୍ଚଙ୍କ ଶ୍ୱଶୁରଙ୍କ ମଧ୍ୟ ସମ୍ପୃକ୍ତି ଥିବାନେଇ ତାଙ୍କୁ ଗିରଫ କରାଯାଇଥିବା ତଦନ୍ତକାରୀ ଅଫିସର ଆଦିତ୍ୟ ନାରାୟଣ ପାତ୍ର କହିଛନ୍ତି।

# ବନୀକରଣର ସମୀକ୍ଷା କଲା ବିଭାଗୀୟ ଟିମ୍



ଶେରଗଡ଼, ୫ା୧୧
(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ ଫରେଷ୍ଟ ଅଧୀନରେ ନରେନ୍ଦ୍ରପୁର ଗ୍ରାମ ନିକଟ ପାକିଡି ପାହାଡ ଜଙ୍ଗଲରେ ଏକ ବିଭାଗୀୟ ଟିମ୍ ପହଞ୍ଚି ବନୀକରଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଉକ୍ତ ଜଙ୍ଗଲରେ ୨୦ହଜାରରୁ ଅଧିକ ବିଭିନ୍ନ ଗଛ ଚାରା ଲଗାଯାଇଥିଲା। ସେଗୁଡିକ ସ୍ଥିତି ଓ ଗଛ ଗୁଡିକର ରକ୍ଷଣାବେକ୍ଷଣ ଦିଗରେ କି ପଦକ୍ଷେପ ନିଆଯାଇଛି ସେ ସମ୍ପର୍କରେ ଫୁଲବାଣୀ ବନ ଡିଭିଜନ ସହକାରୀ ବନ ସଂରକ୍ଷକ ମଙ୍ଗଳ ରଞ୍ଜନ କାଲୋ, ଫୁଲବାଣୀ ରେଞ୍ଜର ଶିବାନନ୍ଦ ଲେଙ୍କାଙ୍କ ତତ୍ତ୍ୱାବଧାନରେ ଆସିଥିବା ଟିମ୍ ମଙ୍ଗଳବାର ଅନୁଧ୍ୟାନ କରିଛନ୍ତି। ପରିଦର୍ଶନ ସମୟରେ ଆସିକା ରେଞ୍ଜର ପ୍ରମୋଦ ପଣ୍ଡା, ଶେରଗଡ ଫରେଷ୍ଟର ହରିକୃଷ୍ଣ ବାରିକଙ୍କ ସମେତ ଗାର୍ଡମାନେ ଉପସ୍ଥିତ ଥିଲେ।

## ଶ୍ରୀମଦ୍ ଭାଗବତ ପାରାୟଣ, ପ୍ରବଚନ ଶୁଭାରମ୍ଭ

ବୁଗୁଡା,୫ା୧୧(କାଳିଚରଣ ଦାଶ)

ବୁଗୁଡା ବ୍ଲକର ବି.ବ୍ରହ୍ମପୁର ଗ୍ରାମ ନିକଟସ୍ଥ କଦମ୍ବ ମଠ ଠାରେ ସୋମବାରଠାରୁ ଶ୍ରୀମଦ୍ ଭାଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ବି.ବ୍ରହ୍ମପୁର ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜିତ ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମ ଅବସରରେ ପ୍ରତ୍ୟହ ସକାଳେ ବ୍ୟାସ ରାଘବାନନ୍ଦ ଦାସଜୀ ମହାରାଜଙ୍କ ଦ୍ୱାରା ଶ୍ରୀମଦ୍ ଭାଗବତ ପାରାୟଣ ଏବଂ ସନ୍ଧ୍ୟାରେ ଭଜନ ସମାରୋହ ଏବଂ ମଠାଧୀଶ ଦଧିବାମନ ଦାସଜୀ ମହାରାଜ ଓ ପଣ୍ଡିତ ମହନ୍ତ ରାଧାକାନ୍ତ ଦାସଜୀ ମହାରାଜଙ୍କ ଦ୍ୱାରା ପ୍ରବଚନ ଆରମ୍ଭ ହେଉଛି। ଏଥିସହ ଜ୍ଞାନଯଜ୍ଞ, ଅନ୍ନଯଜ୍ଞ, ବୈଷ୍ଣବ ସେବା ଆଦି କାର୍ଯ୍ୟକ୍ରମମାନ ଆରମ୍ଭ ହୋଇଛି।ଏଥିରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାବେଶ ହେଉଛି।

# ଏନ୍‌ଏସିର ବିଭିନ୍ନ କାର୍ଯ୍ୟ ସମୀକ୍ଷାକଲେ ବିଧାୟକ

## ଅବହେଳା ଦେଖି ଅସନ୍ତୋଷ ପ୍ରକାଶ କଲେ



କବିସୂର୍ଯ୍ୟନଗର,୫ା୧୧(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ମଙ୍ଗଳବାର କବିସୂର୍ଯ୍ୟନଗର ଏନଏସିର ବିକାଶମୂଳକ କାର୍ଯ୍ୟ ସମୀକ୍ଷା କରିଛନ୍ତି। ଦୀର୍ଘ ୮ ମାସ ହେଲା ଏନଏସିର ବିକାଶମୂଳକ କାର୍ଯ୍ୟ ଠପ୍ ହୋଇପଡିଥିବାରୁ ସେ ସମୀକ୍ଷା ବୈଠକରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରଥମେ ବିଭିନ୍ନ ୱାର୍ଡ ବୁଲି ଦେଖିବା ପରେ ସେ ଏନଏସି ବାସୀଙ୍କ ବହୁ ମୌଳିକ ସମସ୍ୟା ସମାଧାନ ହେଉ ନ ଥିବା ଜାଣିବାକୁ ପାଇଥିଲେ। ପରେ ସେ ଏନଏସି ନିର୍ବାହୀ ଅଧିକାରୀଙ୍କ ନିକଟରେ ପହଞ୍ଚି ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀଙ୍କ ସହ ଏନଏସିର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ସମସ୍ୟାର ସମାଧାନ ଓ ନିରାକରଣ ପନ୍ଥା ବାହାର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସହରର ଡିପ ଡ୍ରେନେଜର ରୋଡ୍ ମ୍ୟାପ ପ୍ରସ୍ତୁତି, ବିଦ୍ୟୁତ୍ ବ୍ୟବସ୍ଥା ସୁଧାରିବା, ସହରକୁ ସିସି ଟିଭି ନଜରରେ ରଖିବା, ଆଦର୍ଶ ପୋଖରୀ, ବାର୍ଦ୍ଧକ୍ୟ ଭତ୍ତା ସୁପରିଚାଳନା, ନୂତନ ବସଷ୍ଟାଣ୍ଡ କାର୍ଯ୍ୟକ୍ଷମ, ଭୋରୁ ଝାଡୁ ମାରିବା, ୨ହଜାର ଲିଟର ସେସପୁଲ ଗାଡି ଆଣିବା, ୧୫ଟି ପୁଲିଂ ଗାଡି ବ୍ୟବସ୍ଥା, ୪ଟି ବ୍ୟାଟେରି ଚାଳିତ ଗାଡି ବ୍ୟବସ୍ଥା, ଟାକ୍ସ ଆଦାୟ ବୃଦ୍ଧି, ଏମସିସି ପ୍ଲାଣ୍ଟ କାର୍ଯ୍ୟକ୍ଷମ କରିବା, ମାଛ ଟେଣ୍ଡର ଖୁବ ଶୀଘ୍ର କରାଇବାକୁ ବିଧାୟକ ଏନଏସିର ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । କାର୍ଯ୍ୟରେ ଅବହେଳା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଚେତାବନୀ ଦେଇଥିଲେ। ୮ରେ ପୁଣି ଆସି ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ପୁନଃ ସମୀକ୍ଷା କରିବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ବିକ୍ରାନ୍ତ ଧିସାହୁ, ଏନଏସି ଅଧ୍ୟକ୍ଷାଙ୍କ ପ୍ରତିନିଧି ସିହେଚ. ଚେନେୟା, ନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର, ରାମପ୍ରସାଦ ମହାରଣା, ଶଙ୍କର ପାତ୍ର, ବିଶ୍ୱଜିତ ମହାପାତ୍ର, ଶ୍ରୀକାନ୍ତ ମହାପାତ୍ର, ଲକ୍ଷ୍ମୀ ନାରାୟଣ ପାଇକରାୟ, ନକୁଳ ମଳିକ, ଶିବରାମ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକ୍‌ସ୍ତରୀୟ ବିଜ୍ଞାନମେଳା

ଛତ୍ରପୁର/ରମ୍ଭା,୫ା୧୧
(ଦିଲୀପ ସାମଲ/ସନ୍ତୋଷ ପାଢ଼ୀ/ ବନବାସୀ ସେଠୀ)

ଟାଙ୍ଗଣାପଲ୍ଲୀ ନୀଳକଣ୍ଠେଶ୍ୱର ନୋଡାଲ ବିଦ୍ୟାପୀଠରେ ଛତ୍ରପୁର ବ୍ଲକସ୍ତରୀୟ ବିଜ୍ଞାନ ମେଳା ଓ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ଏହାକୁ ପୂର୍ବତନ ଜିଲା ପରିଷଦ ସଭ୍ୟ ମୁନା ଦାସ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ରୂପେ ଛତ୍ରପୁର ବିଇଓ ଦ୍ୱାରିକାନାଥ ବେହେରା ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ବିଷ୍ଣୁ ପ୍ରସାଦ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କାମରାଜୁ ମହାରଣା ମୁଖ୍ୟବକ୍ତା ରୂପେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଟାଙ୍ଗଣାପଲ୍ଲୀ ସରପଞ୍ଚ ବି.ସୁଦାମ, ଅମରେଶ୍ୱର ସାହୁ, ଅବସରପ୍ରାପ୍ତ ଶିକ୍ଷକ କୋରା ମହାରଣା, ବିଦ୍ୟାଳୟ ଆଲୁମିନି ସଭାପତି ଗଦାଧର ରାଉଳ, ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ଦାସ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। କୃତୀ କୁନି ବୈଜ୍ଞାନିକଙ୍କୁ ପୁରସ୍କୃତ କରାଯାଇଥିଲା। ମେଳାରେ ୪୭ଟି ବିଦ୍ୟାଳୟରୁ ୯୯ ଜଣ ବିଦ୍ୟାର୍ଥୀ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ।

ସେହିପରି ରମ୍ଭା ସରକାରୀ ଉଚ୍ଚ ବିଦ୍ୟାଳୟରରେ ଗଞ୍ଜାମ ବ୍ଲକସ୍ତରୀୟ ବିଜ୍ଞାନ ମେଳା ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଅତିରିକ୍ତ ଶିକ୍ଷା ନିର୍ଦ୍ଦେଶକ ସୁଶାନ୍ତ ଦାଶ, ଗଞ୍ଜାମ ବ୍ଲକ ଶିକ୍ଷାଧିକାରୀ ସୁଚିତ୍ରା ପାଣିଗ୍ରାହୀ ଏବଂ ସମ୍ମାନିତ ଅତିଥି ଭାବେ ଏବିଇଓ ସଂଯୁକ୍ତା କୁମାରୀ ବେହେରା, ମୁଖ୍ୟବକ୍ତା ଶ୍ରୀଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ରଞ୍ଜନ ଦାଶ, ଖଲ୍ଲିକୋଟ ବିଇଓ ସଦ୍ୟସମାନ ପଣ୍ଡା, ସିଆରସିସି ରବୀନ୍ଦ୍ର ପଣ୍ଡା, ସିଏମସି ସଭାପତି ସୁବାଷ ଚନ୍ଦ୍ର ପତି ଉପସ୍ଥିତ ଥିଲେ। ମେଳାରେ ଛାତ୍ରୀଛାତ୍ରମାନେ ୧୨୫ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଶିକ୍ଷୟିତ୍ରୀ ଶୁଭଶ୍ରୀ ସାରଳା ପରିଡା, ରାମିତ୍ରୀ ଶବର, ଅନୀତା ଜେନା ସହଯୋଗ କରିଥିଲେ।

# ଜିଲାସ୍ତରୀୟ ଆପତ୍‌କାଳୀନ ବୈଠକ




ପାରଳାଖେମୁଣ୍ଡି,୫ା୧୧(ଗିରିଧାରୀ ପରିଚ୍ଛା)

ଗଜପତି ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲାସ୍ତରୀୟ ଆପତ୍‌କାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲାରେ ଥିବା ସମସ୍ତ ପେଟ୍ରୋଲ ପମ୍ପ, ଗ୍ୟାସ୍ ବିତରଣ କମ୍ପାନୀ ମାଲିକ ଓ ସରକାରୀ ଅଧିକାରୀମାନେ ଯୋଗଦେଇଥିଲେ। ବୃହତ୍ କ୍ଷୁଦ୍ର ଶିଳ୍ପାନୁଷ୍ଠାନଗୁଡ଼ିରେ ଦୁର୍ଘଟଣାକୁ ମୁକାବିଲା ପାଇଁ ଆଗୁଆ ପ୍ରସ୍ତୁତି ଓ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ପାଇଁ ଜିଲା ଆପଦ୍‌କାଳୀନ ବିଭାଗ କାର୍ଯ୍ୟ କରୁଛି । ସେହିଭଳି ରାସାୟନିକ ଦ୍ରବ୍ୟ ଯୋଗୁ ଅଘଟଣର ମୁକାବିଲା ନିମନ୍ତେ ପ୍ରସ୍ତୁତ ରହିବା ପାଇଁ ଜିଲାପାଳ ପେଟ୍ରୋଲ ଓ ଗ୍ୟାସ୍ ଶିଳ୍ପ ସଂସ୍ଥାର କର୍ତ୍ତୃପକ୍ଷମାନଙ୍କୁ ପରାମର୍ଶ ଦେଇଥିଲେ । ଅଫସାଇଟ ଏମରଜେନ୍ସି ପ୍ଲାନ ପ୍ରସ୍ତୁତ ରଖିବା, ଅବିଚ୍ଛିନ୍ନ ଭାବେ ରାଜ୍ୟ ଓ କେନ୍ଦ୍ର କ୍ରାଇସିସ୍ ଗ୍ରୁପକୁ ସୂଚନା ପଠାଇବା, ମକଡ୍ରିଲ କରିବା, ବୃହତ୍ ଶିଳ୍ପର ଆଖପାଖ ଅଞ୍ଚଳ ବାସିନ୍ଦାମାନଙ୍କୁ ରାସାୟନିକ ଦୁର୍ଘଟଣାର ଭୟାବହତା ଓ ଏହାର ମୁକାବିଲା ନିମନ୍ତେ ସଚେତନତା କରାଇବାକୁ ଜିଲାପାଳ କହିଥିଲେ। ବୈଠକରେ ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା କହିଥିଲେ ଯେ, ରାସାୟନିକ ଦୁର୍ଘଟଣାକୁ ଏଡାଇବା ପାଇଁ କଂଟ୍ରୋଲ ରୁମ୍‌ର ଆବଶ୍ୟକତା ଥିବାବେଳେ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରିବାକୁ କହିଥିଲେ। ପେଟ୍ରୋଲିୟମ କିମ୍ବା ଗ୍ୟାସ୍ ସ୍ଥାନାନ୍ତରିତ କରିବା ସମୟରେ ଗାଡ଼ିର ମାନ ଯାଞ୍ଚ କରିବା, ଚାଳକଙ୍କ ଲାଇସେନ୍ସ, ଅନ୍ୟାନ୍ୟ ଆବଶ୍ୟକୀୟ ଜିନିଷ ଉପରେ କିପରି ନଜର ରଖିହେବ ସେ ସମ୍ପର୍କରେ ଅବଗତ କରିଥିଲେ।

# ଜଙ୍ଗଲରେ ଅଳିଆଗଦା ପରିବେଶକୁ କରୁଛି ଦୂଷିତ

## ପ୍ଲାଷ୍ଟିକ୍, ପଲିଥିନ ସହ ଅନ୍ୟାନ୍ୟ ବର୍ଜ୍ୟବସ୍ତୁ ସାଜୁଛି ଘାତକ

ଦାରିଙ୍ଗବାଡି, ୫ା୧୧ (ଅରୁଣ ସାହୁ)

ଓଡ଼ିଶାର କଶ୍ମୀର ଭାବେ ପରିଚିତ ଦାରିଙ୍ଗବାଡିର ପର୍ଯ୍ୟଟନ କ୍ଷେତ୍ର ଓ ଜଙ୍ଗଲ ଏବେ ଦୂଷିତ ପରିବେଶ ଦିଗକୁ ଗତି କରୁଛି। ପ୍ରତିଦିନ ଏଠାକୁ ପର୍ଯ୍ୟଟକଙ୍କ ସହ ବିଭିନ୍ନ ସ୍ଥାନରୁ ସରକାରୀ ଓ ବେସରକାରୀ କାର୍ଯ୍ୟରେ ବହୁ ଲୋକ ଦାରିଙ୍ଗବାଡି ଆସୁଛନ୍ତି। ସେହି ଅନୁସାରେ ଏଠାରେ ବ୍ୟବସାୟ କରିବାକୁ ଛୋଟରୁ ବଡ ପର୍ଯ୍ୟନ୍ତ ଅନେକ ସଂଖ୍ୟାରେ ବ୍ୟବସାୟ ପ୍ରତିଷ୍ଠାନ ରହିଛି। ଏହି ସବୁ ବ୍ୟବସାୟିକ କ୍ଷେତ୍ରରୁ ଦୈନିକ କୁଢ଼ କୁଢ଼ ପ୍ଲାଷ୍ଟିକ, ଥର୍ମୋକଲ ପ୍ଲେଟ, ପଲିଥିନ, ପେପର କପ୍ ସମେତ ଅନେକ ଅଳିଆ ଆବର୍ଜନା ବାହାରୁଛି। ଏହା ପରିବେଶ ପ୍ରତି ଘାତକ ସାଜୁଛି। ଏହାକୁ ଗୋଟିଏ ସ୍ଥାନରେ ପକାଯିବା ପାଇଁ ପ୍ରଶାସନ ପକ୍ଷରୁ କୌଣସି ସ୍ଥାନରେ ଡମ୍ପିଂୟାର୍ଡର ବ୍ୟବସ୍ଥା କରାଯାଇନାହିଁ। ଫଳରେ ବଜାର ସମେତ ପର୍ଯ୍ୟଟନ କ୍ଷେତ୍ର ଓ


ଜଙ୍ଗଲରେ ଫିଙ୍ଗା ଯାଇଥିବା ଅଳିଆ ଆବର୍ଜନ।

କିଛି ଲୋକ ଗାଡ଼ିରେ ନେଇ ଜଙ୍ଗଲରେ ଏଣେ ତେଣେ ଅଳିଆ ପକାଉଛନ୍ତି। ଫଳରେ ଏବେ ଜଙ୍ଗଲ ଓ ପରିବେଶ ସମ୍ପୂର୍ଣ୍ଣ ନଷ୍ଟ ହେବାକୁ ବସିଲାଣି। ଯେଉଁଆଡେ ପର୍ଯ୍ୟଟକ ବୁଲୁଛନ୍ତି ପ୍ରଦୂଷିତ ପରିବେଶ ଯୋଗୁ ନାକ ଟେକୁଛନ୍ତି ; ଯାହାଦ୍ୱାରା ଦାରିଙ୍ଗବାଡିର ସୁନାମରେ ଲାଗୁଛି ଦାଗ। ଏନେଇ ତହସିଲଦାର ଶରତ ଶବରଙ୍କୁ ପଚାରିବାରୁ ସେ କହିଛନ୍ତି, ଡମ୍ପିଂୟାର୍ଡ ପାଇଁ ଜମି ଚିହ୍ନଟ ସରିଛି କିନ୍ତୁ ଡମ୍ପିଂୟାର୍ଡ କେବଳ କରାଗଲେ ହେବନି, ପ୍ରତିଦିନ ବାହାରୁଥିବା ଆବର୍ଜନାକୁ ନଷ୍ଟ କରିବା ଲାଗି ରହିଥିବା ପ୍ରକ୍ରିୟା ପଞ୍ଚାୟତ ତୁଲାଇବ। ପଞ୍ଚାୟତ ତା'ର ଏହି ଦାୟିତ୍ୱ ତୁଲାଇବା ଦରକାର ବୋଲି ସେ ପ୍ରକାଶ କରିଛନ୍ତି। ଏନେଇ ଦାରିଙ୍ଗବାଡି ସରପଞ୍ଚ ଚନ୍ଦ୍ରିକା ମଲିକଙ୍କୁ ପଚାରିବାରୁ ସେ କହିଲେ, ପ୍ରଥମେ ଡମ୍ପିଂୟାର୍ଡ ପାଇଁ ଜମି ପ୍ରଦାନ କଲେ ପଞ୍ଚାୟତ ହେଉ କି ପଞ୍ଚାୟତ ସମିତି ଆବର୍ଜନାଗୁଡ଼ିକ ନେଇ ନଷ୍ଟ କରିବା ଦିଗରେ ପଦକ୍ଷେପ ନେବ। ଆମେ ପଞ୍ଚାୟତରୁ ବାହାରୁଥିବା ଅଳିଆ ଆବର୍ଜନା ବାହାରେ ପକାଇବା ପାଇଁ ପଞ୍ଚାୟତ ପାଇଁ ଏକ ଗାଡି ଯୋଗାଇ ଦେବାକୁ ପ୍ରଶାସନକୁ ପ୍ରସ୍ତାବ ଦେଇଛୁ ବୋଲି ସେ କହିଥିଲେ। ବ୍ଲକ ପ୍ରଶାସନ ଓ ପଞ୍ଚାୟତ ପରସ୍ପର ମଧ୍ୟରେ ସମନ୍ୱୟ ରଖି ଏ ଦିଗରେ କାର୍ଯ୍ୟ କରିବାକୁ ସାଧାରଣରେ ମତ ପ୍ରକାଶ ପାଉଛି।

**ଦାରିଙ୍ଗବାଡିରେ ନାହିଁ ଡମ୍ପିଂୟାର୍ଡ**

